## ଓଏସ୍ଓୟୁରେ ଜାତୀୟ ଆଲୋଚନାଚକ୍ର

ସମ୍ବଲପୁର,(ବ୍ୟୁରୋ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ପକ୍ଷରୁ ଆଲୋଚନା ଚକ୍ର ଶନିବାର ଅନୁଷ୍ଠିତ ହୋଇଯାଇଛି। ଭର୍ଚୁଆଲ ଜରିଆରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଓ କର୍ମଚାରୀ ସାମିଲ ହୋଇଥିଲେ। ଓଏସ୍ଓୟୁ କୁଳସଚିବ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର ଅଧକ୍ଷତା କରିଥିଲେ। ଆମିଟି ବିଶ୍ୱବିଦ୍ୟାଳୟର ଡ. ତନୁଶ୍ରୀ ପୁରୋହିତ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଶେଷରେ ରାଧାକାନ୍ତ ସୁନା ଧନ୍ୟବାଦ ଦେଇଥିଲେ।

**ସଂକ୍ଷେପରେ**

## ଚୋରି ଲୁହାପଥର ବୋଝେଇ ଟ୍ରକ୍ ଉଦ୍ଧାର, ୨ ଗିରଫ

ସମ୍ବଲପୁର/ଜମନକିରା,୧୪।୮(ବ୍ୟୁରୋ/ଡି.ଏନ.ଏ.): ସମ୍ବଲପୁର ଜିଲା ଜମନକିରା ଥାନା ଶଣ୍ଢପଥର ଗ୍ରାମ ନିକଟରୁ ଚୋରି ହୋଇଥିବା ଲୁହାପଥର ବୋଝେଇ ଟ୍ରକ୍ ପୋଲିସ ଉଦ୍ଧାର କରିଛି। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସୁଜିତ ଜାମଡାଲିଆ (୩୨) ଓ ବିପ୍ର ପ୍ରଧାନ (୧୯)। ଏ ନେଇ ଥାନାରେ କେସ୍ ନଂ ୮୫/୨୧ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ କ୍ରମେ ଅଗଷ୍ଟ ୬ ତାରିଖରେ ସିଜି୦୯ଜେଜି-୩୧୧୦ନଂ. ଟ୍ରକ୍ କୋଉଡା ରୁଙ୍ଗ୍‌ଟା ଖଣିରୁ ଲୁହାପଥରେ ନେଇ ରାୟପୁର ଯାଉଥିଲା। ଶଣ୍ଢପଥର ନିକଟରେ ଅଭିଯୁକ୍ତମାନେ ଓଡି୧୫ସି-୫୩୦୩ ନଂ. କାର୍ ଯୋଗେ ଆସି ଟ୍ରକ୍ ଅଟକାଇଥିଲେ। ଡ୍ରାଇଭରଙ୍କୁ ମାରପିଟ କରି ଟ୍ରକ ନେଇ ଫେରାର ହୋଇଯାଇଥିଲେ। ଏହାକୁ ନେଇ ସୁନୀଲ କୁମାର ଜଲାନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଥିଲା।

## ନାକଟିଦେଉଳ ଡିଗ୍ରୀ କଲେଜକୁ ଜିଲାସ୍ତରୀୟ ଗ୍ରିନ ଚାମ୍ପିୟନ ପୁରସ୍କାର

ନାକଟିଦେଉଳ,୧୪।୮(ଡ଼ି.ଏନ.ଏ.): କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ଶିକ୍ଷା ପରିଷଦ (ଏମ୍‌ଜିଏନ୍‌ସିଆର୍‌ଇ) ପକ୍ଷରୁ ସ୍ୱଚ୍ଛତା ଅଭିଯାନ ୨୦୨୦-୨୧ବର୍ଷ ପାଇଁ ଶନିବାର ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟକୁ ଜିଲାସ୍ତରୀୟ ଗ୍ରୀନ ଚାମ୍ପିୟନ ପୁରସ୍କାର ପ୍ରଦାନ କରାଯାଇଛି। ସବୁଜ କ୍ୟାମ୍ପସ, ଜଳ ପରିଚାଳନା, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ ଓ ସ୍ୱଚ୍ଛତାକୁ ଆଧାର କରି ସମ୍ବଲପୁର ଜିଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲାପାଳ ସୁକାନ୍ତ କୁମାର ତ୍ରିପାଠୀ କେନ୍ଦ୍ର ସରକାରଙ୍କଠାରୁ ଆସିଥିବା ପ୍ରମାଣପତ୍ରକୁ ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ସୁଧୀର କୁମାର ସାହୁଙ୍କୁ ଶନିବାର ଏକ ସ୍ୱତନ୍ତ୍ର ଉତ୍ସବରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଛନ୍ତି। ଏଥିସହିତ ୫ହଜାର ଟଙ୍କାର ପୁରସ୍କାର ରାଶି ମଧ ପ୍ରଦାନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲାପାଳ ତ୍ରିପାଠୀ ଜିଲାର ବିଭିନ୍ନ ଡ଼ିଗ୍ରୀ କଲେଜରେ ଚାଲିଥିବା ସ୍ୱଚ୍ଛତା କାର୍ଯ୍ୟକ୍ରମ ଓ ଯୋଜନା ଉପରେ ବିବରଣୀ ପ୍ରଦାନ କରିଥିଲେ।

## ଟିପିଡବ୍ଲ୍ୟୁଓଡିଏଲ ଅଧିକାରୀଙ୍କ ଚଢ଼ାଉ

ସମ୍ବଲପୁର,୧୪।୮(ବ୍ୟୁରୋ): ଟିପିଡବ୍ଲ୍ୟୁଓଡିଏଲ ଅପରେଶନ ମୁଖ୍ୟ ସୁମିତ ଘୋଷଙ୍କ ନେତୃତ୍ୱରେ ୫ଟି ସର୍କଲରେ ଚଢ଼ାଉ କରାଯାଇଥିଲା। ସମ୍ବଲପୁର, ରାଉରକେଲା, ବରଗଡ, ବଲାଙ୍ଗୀର, କଳାହାଣ୍ଡି ଜିଲାରେ ୧୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଚଢ଼ାଉ କରିଥିଲେ। ୧୬୨୮ ଜଣ ହୁକିଂ, ମିଟର ବାଇପାସ ଭଳି ନିୟମ ବାହାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ଧରାପଡିଥିଲେ। ସେମାନଙ୍କ ନାମରେ ଆଇନ ଅନୁସାରେ ଥାନାରେ ମାମଲା ରୁଜୁ କରାଯାଇଛି। କମ୍ପାନୀ ପକ୍ଷରୁ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଇବା ସହ ବିଦ୍ୟୁତ୍ ଚୋରି ରୋକିବାକୁ ପଦକ୍ଷେପ ଗ୍ରହଣ କରାଯାଉଛି।

# ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ଜରାଜୀର୍ଣ୍ଣ

ସମ୍ବଲପୁର,୧୪।୮(ବ୍ୟୁରୋ)

୧୫ ଅଗଷ୍ଟ ସ୍ୱାଧୀନତା ଦିବସ। ଏହି ଦିବସକୁ ସରକାରୀ ଓ ବେସରକାରୀ ସ୍ତରରେ ପାଳନ କରାଯିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇ ସ୍ମୃତିଚାରଣ କରାଯାଉଛି। ହେଲେ ସମ୍ବଲପୁର ମହାନଗର ନିଗମ ମହାନଦୀ ପାର୍ଶ୍ୱ ଗୌରୀଶଙ୍କର ସାହାଣୀ ପାର୍କ ପରିସରରେ ଥିବା ପଶ୍ଚିମ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ ଓ ସଂଗ୍ରହାଳୟ ଜରାଜୀର୍ଣ୍ଣ ହୋଇପଡ଼ିଛି। ନିର୍ମାଣ ହେବାର ୫ବର୍ଷ ବିତି ଯାଇଥିଲେ ମଧ ଜିଲା ପ୍ରଶାସନର ଅଣଦେଖା ଯୋଗୁ ଏହା କାର୍ଯ୍ୟକ୍ଷମ ନ ହୋଇ ପଡ଼ିରହିଛି। ରକ୍ଷଣାବେକ୍ଷଣ ଲାଗି କର୍ମଚାରୀ ଅଭାବ ରହିଥିବା ପ୍ରଶାସନ ସଫେଇ ଦେଉଥିବା ବେଳେ ବୁଦ୍ଧିଜୀବୀ ମହଲରେ ଏହାକୁ ନିନ୍ଦା କରାଯାଉଛି।

ସରକାରୀ ରାଜକୋଷରୁ ପ୍ରାୟ ସାଢ଼େ ୩ କୋଟି ଖର୍ଚ୍ଚ କରାଯାଇ ସ୍ମୃତି ଭବନ ଓ ପାର୍କ ନିର୍ମାଣ ହୋଇଥିଲା। ହେଲେ କାର୍ଯ୍ୟରେ ଲାଗିପାରିଲା ନାହିଁ ବୋଲି ଅଭିଯୋଗ ହୋଇଛି। ଏହି ସଂଗ୍ରହାଳୟକୁ ନେଇ ଲୋକମାନେ ଯେଉଁ ଆଶା ବାନ୍ଧିଥିଲେ ତାହା ଧୂଳିସାତ୍ ହୋଇଯାଇଛି। ଅନ୍ୟପଟେ ବଡ଼ ବଡ଼ ଅକ୍ଷରରେ କେବଳ ନାମ ଫଳକ ଲାଗି ରହିଛି। ସଂଗ୍ରହାଳୟ ଭିତରେ ବରପୁତ୍ରଙ୍କର ଫଟୋଚିତ୍ର ମଧ ନାହିଁ। ସ୍ୱାଧୀନତା ସଂଗ୍ରାମରେ ପଶ୍ଚିମ ଓଡ଼ିଶାର ଅନେକ ବରପୁତ୍ର ଝାସ ଦେଇଥିଲେ। ସେମାନେ ନିଜ ଜୀବନକୁ ବାଜି ଲଗାଇ ସ୍ୱାଧୀନତା ସଂଗ୍ରାମ କରିଥିଲେ। ଅନେକ କାରାବରଣ କରିଥିବା ବେଳେ କେତେଜଣଙ୍କୁ ଫାଶିଖୁଣ୍ଟରେ ଝୁଲିବାକୁ ପଡିଥିଲା। ଏହି ବୀରମାଟିର ସନ୍ତାନ ଭାବେ ବୀର ସୁରେନ୍ଦ୍ର ସାଏ, ବିର୍ସା ମୁଣ୍ଡା, ନୃସିଂହ ଗୁରୁ, ଭାଗୀରଥି ପଟ୍ଟନାୟକ ଓ ଚନ୍ଦ୍ରଶେଖର ବେହେରାଙ୍କ ପରି ବରପୁତ୍ରଙ୍କ ନାମ ଅମର ହୋଇ ରହିଛି। ପଶ୍ଚିମ ଓଡ଼ିଶାର ଅନ୍ୟ ଜିଲାରେ ମଧ ସ୍ୱାଧୀନତା ସଂଗ୍ରାମୀ ବରପୁତ୍ରମାନେ ରହିଛନ୍ତି। ଏମାନଙ୍କ ସମ୍ପର୍କରେ ଜନସାଧାରଣଙ୍କୁ ଜଣାଇବା ଓ ସେମାନଙ୍କ ସ୍ମୃତିକୁ ପରବର୍ତ୍ତୀ ପିଢ଼ିଙ୍କ ପାଇଁ ସାଇତି ରଖିବା ଉଦ୍ଦେଶ୍ୟରେ ଏହି ସ୍ମୃତି ଭବନ ଓ ସଂଗ୍ରହାଳୟ ନିର୍ମାଣ କରାଯାଇଥିଲା। ୨୭ ଫେବୃୟାରୀ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନ ପରେ ପଶ୍ଚିମ ଓଡ଼ିଶାର ବରପୁତ୍ରଙ୍କ ଫଟୋ ଓ ସ୍ମୃତି ଏଠାରେ ନ ଥିବାରୁ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଉଛି। ଇତିମଧ୍ୟରେ ୫ବର୍ଷ ବିତିଯାଇଥିଲେ ହେଁ ଏହା ଖୋଲାଯାଉ ନ ଥିବାରୁ ଅନେକ ସମୟରେ ଅସାମାଜିକ ବ୍ୟକ୍ତିମାନେ ନିଜର ଆଡ୍ଡା ଭାବେ ବ୍ୟବହାର କରୁଛନ୍ତି। ରକ୍ଷଣାବେକ୍ଷଣ ଅଭାବରୁ ସଂଗ୍ରହାଳୟର କିଛି ସାମଗ୍ରୀ ଭାଙ୍ଗିବାରେ ଲାଗିଛି। କାନ୍ଥରୁ ବିଦ୍ୟୁତ୍ ସାମଗ୍ରୀ ଓ ଅନ୍ୟ ଜିନିଷ ଚୋରି ହେବା ସହ ବାହାରୁ ତା'ର ସୌନ୍ଦର୍ଯ୍ୟ ହରାଇବାକୁ ବସିଛି। ଅନ୍ୟପଟେ ସ୍ମାରକୀ ହଲ ଧୂଳି ଧୂସର ଓ କୁଢ଼କୁଢ଼ ଆବର୍ଜନାରେ ପରିପୂର୍ଣ୍ଣ ହୋଇଛି।


ଏସ୍ଏମ୍ସି ଅଧୀନରେ ଥିବା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ।

**ରକ୍ଷଣାବେକ୍ଷଣ ପାଇଁ କର୍ମଚାରୀ ଅଭାବ**

# କୃଷକଙ୍କ ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

ଝାରସୁଗୁଡ଼ା ଅଫିସ,୧୪।୮

ଭାଜପା କୃଷକ ମୋର୍ଚ୍ଚା ପଶ୍ଚିମାଞ୍ଚଳର ୬ ଜିଲାକୁ ନେଇ ଝାରସୁଗୁଡା ସ୍ୱରୂପ ଗାର୍ଡେନ୍ ପରିସରରେ ଶନିବାର ଜିଲା ସଭାପତି ମଙ୍ଗଳ ସାହୁଙ୍କ ଅଧ୍ୟକ୍ଷତାରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସେ କହିଥିଲେ କେନ୍ଦ୍ର ସରକାର ଯୋଗାଉଥିବା ସାର, ବିହନ, କିଷାନନିଧି ଟଙ୍କା ଆଦି ରାଜ୍ୟ ସରକାରଙ୍କ ପ୍ରତିନିଧି ବାଟମାରଣା କରୁଥିବାରୁ ଚାଷୀଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଫସଲ ବୀମା ପଞ୍ଜୀକରଣ ସମୟ ସୀମା ଅଗଷ୍ଟ ୧୬ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିବାବେଳେ ଚାଷୀ ଚାଷ କାମରେ ବ୍ୟସ୍ତ ଥିବାରୁ ପଞ୍ଜୀକରଣ କରିପାରିନାହାନ୍ତି। ଏହି ସମୟ ସୀମା ସେପ୍ଟେମ୍ବର ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସେ ଦାବି କରିଛନ୍ତି। କେନ୍ଦ୍ର ସରକାର ରାଜ୍ୟକୁ ସାର ପଠାଉଥିଲେ ହେଁ ରାଜ୍ୟରେ ତାହା କଳାବଜାର ହେଉଛି। ୟୁରିଆ ସାର ପ୍ରତି କୁଇଣ୍ଟାଲ ୨୬୬ଟଙ୍କା ରହିଥିବାବେଳେ ଚାଷୀ ବାହାରୁ ୬ଶହ ଟଙ୍କାରେ କିଣୁଛନ୍ତି। ରାଜ୍ୟ ସରକାର ସ୍ୱତନ୍ତ୍ର ସ୍କ୍ୱାଡ୍ କରି ସାର ବିକ୍ରୟ କେନ୍ଦ୍ରରେ ଚଢାଉ କରିବାକୁ ଦାବି କରିଛନ୍ତି। ରାଜ୍ୟରେ ୩ଜଣ ଚାଷୀ ବିଷପିଇ ଆତ୍ମହତ୍ୟା କରିଛନ୍ତି। ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଇ ସେମାନଙ୍କ ପରିବାରଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରଞ୍ଜନ ପଟେଲ, ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲକୋ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, କୃଷକ ମୋର୍ଚ୍ଚା ଜିଲା ସଭାପତି ମୁରାରୀ ପାଣିଗ୍ରାହୀ, ଉପାଧ୍ୟା ପାଣିଗ୍ରାହୀ, ମହେନ୍ଦ୍ର କେଡିଆ, ଚନ୍ଦ୍ର ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏଚ୍ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ


ପ୍ରଶାସନିକ ଅଧିକାରୀ ଓ ପୋଲିସ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ଚାଲିଛି।

ଝାରସୁଗୁଡ଼ା ଅଫିସ,୧୪।୮

- କିଷାନ ଛକରୁ ପ୍ରକ୍ରିୟା ଆରମ୍ଭ
- ବେପାର ହରାଇବେ ଶତାଧିକ ଉଠାଦୋକାନୀ

ଜାତୀୟ ରାଜପଥ (ଏନ୍‌ଏଚ୍) ବିଭାଗ ଅନୁରୋଧ କ୍ରମେ ଝାରସୁଗୁଡ଼ା ଜିଲା ପ୍ରଶାସନ ତରଫରୁ ୪୯ନଂ. ଜାତୀୟ ରାଜପଥ ବେହେରାମାଲ କିଷାନ ଛକରୁ ପ୍ରସନ୍ନ ପଣ୍ଡା ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ନେଇ ଝାରସୁଗୁଡ଼ା ତହସିଲ ତରଫରୁ ନୋଟିସ୍ ଜାରି କରାଯାଇ ସୂଚନା ଦିଆଯାଇଥିଲା। ଉଚ୍ଛେଦ ପ୍ରକ୍ରିୟା ଶନିବାର ବେହେରାମାଲ କିଷାନ ଛକରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୩୦ରୁ ଊର୍ଦ୍ଧ୍ୱ ସ୍ଥାୟୀ, ଅସ୍ଥାୟୀ ଦୋକାନ ଭଙ୍ଗାଯାଇଛି। ଫଳରେ ବ୍ୟବସାୟୀମାନେ ବେପାର ହରାଇ ରୋଜଗାରରୁ ବଞ୍ଚିତ ହୋଇଛନ୍ତି। ଉଚ୍ଛେଦ ପ୍ରକ୍ରିୟାରେ ଜିଲା ପ୍ରଶାସନ ତରଫରୁ ଉପଜିଲାପାଳ ଶିବ ଟପ୍ପୋ, ଝାରସୁଗୁଡା ପୌର ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି, ଝାରସୁଗୁଡା ତହସିଲଦାର କୁଳମଣି ରଣବିଡା, ମାଜିଷ୍ଟ୍ରେଟ୍ ଭାବେ କୋଲାବିରା ତହସିଲଦାର ଦିଲୀପ ପ୍ରଧାନ, ଏନ୍‌ଏଚ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ଶିବବ୍ରତ ତରିଆ, ଏସ୍‌ଡିଓ ସଞ୍ଜୁକ୍ତା ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ତରଫରୁ ଏସ୍‌ଡିପିଓ ନିର୍ମଳ ମହାପାତ୍ର, ଟାଉନ ଥାନା ଆଇଆଇସି ସାବିତ୍ରୀ ବଳ, ସଦର ଥାନା ଆଇଆଇସି ସୁଚିସ୍ମିତା ମହାନ୍ତି,ବଡମାଲ ଥାନା ଆଇଆଇସି ଅମିତାଭ ପଣ୍ଡାଙ୍କ ସମେତ ୩ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିଲେ। ଏ ନେଇ ଏନ୍‌ଏଚ୍ ଏକ୍‌ଜିକ୍ୟୁଟିଭ୍ ଇଞ୍ଜିନିୟର ତରିଆ କହିଛନ୍ତି, ଆଗାମୀ ଦିନରେ ରାସ୍ତା ସମ୍ପ୍ରସାରଣ ହେବାର ଲକ୍ଷ୍ୟ ରହିଛି। ଏହା ପୂର୍ବରୁ ଜବରଦଖଲ ଉଚ୍ଛେଦ ପାଇଁ ଏନ୍‌ଏଚ୍ ବିଭାଗ ତରଫରୁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ ଆରମ୍ଭ ହୋଇଛି। ଆଗକୁ ଏହା ଜାରି ରହିବ।

## ଜମନକିରା ଲ୍ୟାମ୍ପସରେ କୋଭିଡ୍ କଟକଣା ଉଲ୍ଲଂଘନ

ସମ୍ବଲପୁର,୧୪।୮(ଡି.ଏନ୍.ଏ.)

ଜମନକିରା ଲ୍ୟାମ୍ପସରେ ଧାନ ବିକ୍ରି ପାଇଁ ଚାଷୀମାନେ ନାମ ପଞ୍ଜୀକରଣ କରୁଛନ୍ତି। ହେଲେ ଏହି ସମୟରେ କୋଭିଡ୍ କଟକଣା ସମ୍ପୂର୍ଣ୍ଣ ଉଲ୍ଲଂଘନ ହେଉଥିବା ଦେଖାଯାଉଛି। ସରକାରଙ୍କ ପକ୍ଷରୁ ଖରିଫ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ ସମୟ ଗତ ଜୁଲାଇ ୧୫ ତାରିଖରୁ ଚଳିତ ଅଗଷ୍ଟ ୧୬ଯାଏ ଧାର୍ଯ୍ୟ ହୋଇଛି। ଜମନକିରା ଲ୍ୟାମ୍ପସ ଅଧୀନରେ ୨୩୦୦ରୁ ଅଧିକ ଚାଷୀ ରହିଛନ୍ତି। ସମୟ ଶେଷ ହୋଇ ଯାଉଥିବାରୁ ଲ୍ୟାମ୍ପସରେ ଚାଷୀଙ୍କ ଭିଡ଼ ଦେଖିବାକୁ ମିଳୁଛି। ଏହି ସମୟରେ କୋଭିଡ୍ ଗାଇଡ୍‌ଲାଇନ୍‌ର ଖିଲାପ ହେଉଛି। ସାମାଜିକ ଦୂରତା ରହୁ ନ ଥିବାବେଳେ ଅନେକେ ମାସ୍କ ପରିଧାନ କରୁନାହାନ୍ତି। ଫଳରେ କରୋନା ସଂକ୍ରମଣ ହେବା ସମ୍ଭାବନା ରହୁଛି। ଲ୍ୟାମ୍ପସ କର୍ତ୍ତୃପକ୍ଷ ଏହାକୁ କଡ଼ାକଡ଼ି ମାନିବାକୁ ନିର୍ଦ୍ଦେଶ ଦେଉ ନ ଥିବାରୁ ଏଭଳି ସମସ୍ୟା ଦେଖାଦେଉଛି। ଚାଷ କାମ ଏବେ ଜୋରସୋରରେ ଚାଲୁଥିବା ବେଳେ ପଞ୍ଜୀକରଣ ସମୟ ସୀମା ଚାଷୀମାନଙ୍କୁ ବ୍ୟତିବ୍ୟସ୍ତ କରିପକାଉଛି। ସମୟ ସୀମା ନ ବଢ଼ାଇଲେ ଚାଷୀମାନେ ନାମ ପଞ୍ଜୀକରଣରୁ ବଞ୍ଚିତ ହେବେ ବୋଲି ଚାଷୀ ସଂଗଠନ ପକ୍ଷରୁ କୁହାଯାଇଛି। ଏ ସଂକ୍ରାନ୍ତରେ ଲ୍ୟାମ୍ପସ ଏମ୍‌ଡି ଫଣୀନ୍ଦ୍ର ସାହୁଙ୍କୁ ପଚାରିବାରୁ ଚାଷୀମାନଙ୍କୁ କୋଭିଡ୍ ନିୟମ ମାନି ପଞ୍ଜୀକରଣ କରିବାକୁ କୁହାଯାଉଥିବା ବେଳେ ଚାଷୀମାନେ ମାନୁ ନ ଥିବା କହିଛନ୍ତି।

# ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ଦାବିନେଇ ବ୍ଲକସ୍ତରରୁ ଆନ୍ଦୋଳନ କରିବ କଂଗ୍ରେସ



ଜିଲା କଂଗ୍ରେସ ଭବନଠାରେ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଅବସରରେ ଉପସ୍ଥିତ ନେତା।

ସୁନ୍ଦରଗଡ଼, ୧୪।୮(ଡି.ଏନ୍.ଏ.)

**କଂଗ୍ରେସ କମିଟି ତରଫରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା**

ସୁନ୍ଦରଗଡ଼ ଜିଲା କଂଗ୍ରେସ କମିଟି ପକ୍ଷରୁ ଶୁକ୍ରବାର ଜିଲା କଂଗ୍ରେସ ଭବନଠାରେ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଭିନ୍ନ ପଦପଦବୀ ପାଇଁ ନିଯୁକ୍ତି ପାଇଥିବା ନୂତନ କର୍ମକର୍ତ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପିସିସିର ପୂର୍ବତନ ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ରାଜଗାଙ୍ଗପୁର ବିଧାୟକ ସି.ଏସ୍. ରାଜେନ ଏକ୍କା, ବରିଷ୍ଠ ନେତା ନିମାଇଁ ଚରଣ ନାଏକ, ତଳସରାର ପୂର୍ବତନ ବିଧାୟକ ଡା. ପ୍ରଫୁଲ୍ଲ ମାଝି, ଜିଲା ପରିଷଦ ଉପସଭାପତି କାଶୀନାଥ ରାଉତ ପ୍ରମୁଖ ଯୋଗଦେଇ କଂଗ୍ରେସ ଦଳର ନୀତିଆଦର୍ଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ସୁନ୍ଦରଗଡରେ ଏମ୍ସର ଦ୍ୱିତୀୟ ଶାଖା ପ୍ରତିଷ୍ଠା ଦାବିନେଇ ବ୍ଲକସ୍ତରରୁ ଆନ୍ଦୋଳନ, ସମଗ୍ର ଜିଲାରେ ଥିବା ଲ୍ୟାମ୍ପସ ଗୁଡିକରେ ହୋଇଥିବା ଅନିୟମିତତାର ପର୍ଦ୍ଦାଫାଶ, ସୁନ୍ଦରଗଡ଼ ସହରରେ ପାନୀୟ ଜଳ ଯୋଗାଣ ପାଇଁ ଇବ୍ ନଦୀ ଉପରେ ଆଉ ଏକ ବ୍ୟାରେଜ ନିର୍ମାଣ, ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଚାଷୀ ସମସ୍ୟାର ସମାଧାନ କରି ମରୁଡି ଘୋଷଣା ଦାବିକରି ଏହି ସଭାରେ ପ୍ରସ୍ତାବ ଗୃହୀତ ହୋଇଥିଲା। ସମାବେଶରେ ଟାଙ୍ଗରପାଲି ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ଅଶୋକ ନାଏକ, ସହଯୋଗୀ ମଣ୍ଟୁ ଘଡାଇ, ଶାଳିନୀ ଜାଲ ପ୍ରମୁଖ କଂଗ୍ରେସର ନୀତିଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଯୋଗଦେଇଥିଲେ। ଜିଲା ଉପସଭାପତି ଅଜିତ ପ୍ରସାଦ, ପ୍ରଶାନ୍ତ ସେଠୀ, ସାଧାରଣ ସମ୍ପାଦକ କାଳୀପଦ ସାମଲ, ପ୍ରଣବ ସିଂ, ଯୋଶେଫ ଖେସ୍, ସଞ୍ଜୟ ସାହୁ, ପର୍ଶୁରାମ ସରାଫ, ପିସିସି ମହିଳା କଂଗ୍ରେସର ଉପସଭାନେତ୍ରୀ ଦେବସ୍ମିତା ସାମଲ, ସଂଯୁକ୍ତା ବାଙ୍କରା, ରାଜ୍ୟ ସେବାଦଳ ସାଧାରଣ ସମ୍ପାଦକ ମୁନୁ ସରାଫ୍, ଟାଉନ କଂଗ୍ରେସ ସଭାପତି ନେପାଳ ସାହୁ, ଯୁବକଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଜିଲା ଛାତ୍ର କଂଗ୍ରେସ ସଭାପତି ଏମ୍ ଡି ଫୈଜଲ, ପ୍ରଦୀପ ସିଂ, ବିଧାନସଭା କ୍ଷେତ୍ର ଯୁବ ସଭାପତି ବିଶ୍ୱଜିତ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଯୋଗଦେଇଥିଲେ।

## ଲକ୍ଷାଧିକ ଟଙ୍କାର ସୁନାରୁପା ଅଳଙ୍କାର ଲୁଟ୍

ରେଢାଖୋଲ,୧୪।୮(ଡି.ଏନ.ଏ.)

ରେଢାଖୋଲ ସହରର ଜଣେ ସୁନା ଦୋକାନୀଙ୍କଠାରୁ ଶନିବାର ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଛି। ଏ ନେଇ ରେଢାଖୋଲ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାମତେ ରେଢାଖୋଲ ରଥସାହିରେ ସୁନା ଦୋକାନ କରିଥିବା ପୂର୍ଣ୍ଣଚନ୍ଦ୍ର ପୃଷ୍ଟି କଲେଜଛକ ନିକଟ ତାଙ୍କ ଘରୁ ଏକ ବ୍ୟାଗରେ ସୁନା ରୁପା ଅଳଙ୍କାର ଧରି ଦୋକାନକୁ ବାଇକ୍‌ରେ ଆସୁଥିଲେ। ଯଦୁମଣିପାଟଣା ରାସ୍ତା ଉପରେ ବାଇକ୍ ରଖି ଏକ ଦୋକାନକୁ ଜିନିଷ ଆଣିବାକୁ ଯାଇଥିବା ବେଳେ ୨ଜଣ ଲୁଟେରା ବାଇକ୍‌ରେ ଆସି ତାଙ୍କ ବ୍ୟାଗରେ ଥିବା ପ୍ରାୟ ୧୫କେଜି ରୁପା ଓ ୪୫ଗ୍ରାମ ସୁନା ଅଳଙ୍କାର ଲୁଟିନେଇ ଫେରାର ହୋଇଯାଇଥିଲେ। ପୃଷ୍ଟି ଓ ଅନ୍ୟମାନେ ପିଛା କରିଥିଲେ ହେଁ ଲୁଟେରାଙ୍କ ଟେର ପାଇ ନ ଥିଲେ।

## ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ

ଜମନକିରା,୧୪।୮(ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶତ ବର୍ଷ ପୂର୍ତ୍ତି ଉପଲକ୍ଷେ ଶନିବାର ସ୍ୱାଧୀନତା ସଂଗ୍ରାମୀଙ୍କ ପୀଠ କେନାଢିପା ହସ୍ପିଟାଲ ସଭାଗୃହରେ କୋଭିଡ୍ ନିୟମ ମାନି ଶ୍ରଦ୍ଧାଞ୍ଜଳି ସଭା, ମେଡିକାଲ ପରିସର ସଫେଇ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମେଡିକାଲ ଅଫିସର ଡାକ୍ତର ବାସନ୍ତୀ ତାଣ୍ଡିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସାମାଜିକ କର୍ମୀ ଓ ପ୍ରକୃତିବନ୍ଧୁ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀ ତାଙ୍କ ସ୍ୱାଧୀନତା ସଂଗ୍ରାମରେ ରଚନାତ୍ମକ କାର୍ଯ୍ୟକ୍ରମ ମାଧ୍ୟମରେ କିପରି ଦେଶବାସୀଙ୍କ ଭିତରେ ଏକତା ପ୍ରତିଷ୍ଠା କରିଥିଲେ ଓ ଓଡ଼ିଶା ଗସ୍ତ କରି ଦଳିତଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିଥିଲେ ତାହା ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ସଞ୍ଜୟ ଧୁରୁଆ ସମ୍ମାନିତ ଅତିଥି, ଡ. ନିରୁପମା ମହାପାତ୍ର ମୁଖ୍ୟବକ୍ତା ଓ ସାମାଜିକ କର୍ମୀ ସରୋଜ ମେହେର ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ଶମ୍ଭୁନାଥ ସାହୁ ଅତିଥି ପରିଚୟ ଓ ଫାର୍ମାସିଷ୍ଟ ବିଜୟ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫଟୋ ବୈଧତାକୁ ନେଇ ଯାଞ୍ଚ ହେବ: ଅଧୀକ୍ଷକ

ସମ୍ବଲପୁର,୧୪।୮(ବ୍ୟୁରୋ)

ସମ୍ବଲପୁର ବୁର୍ଲାସ୍ଥିତ ଭିମ୍‌ସାରରେ ପ୍ରାୟ ୪ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି। ଏଥିପାଇଁ ସ୍ୱାସ୍ଥ୍ୟସେବାରେ ସମସ୍ୟା ଉପୁଜୁଛି। ଏଭଳିସ୍ଥଳେ ଭିମ୍‌ସାରରେ ମୋବାଇଲ ଆଲୁଅରେ ଅସ୍ତ୍ରୋପଚାର ହେଉଥିବା ନେଇ ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ଭିମ୍‌ସାରର ଚିକିତ୍ସା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଭିମ୍‌ସାର ଅଧୀକ୍ଷକ ପ୍ରଫେସର ଡା. ଲାଲମୋହନ ନାୟକ କହିଛନ୍ତି, ବିଦ୍ୟୁତ୍ ସମସ୍ୟା ରହୁଛି। ଓଟିରେ ଥିବା ସମୟରେ ମଧ ବିଦ୍ୟୁତ୍ ସେବା ବ୍ୟାହତ ହେଉଛି। ଏହାକୁ ନେଇ ଜରୁରୀ ବୈଠକ କରାଯାଇ ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରାଯାଇଛି। ହେଲେ ସାମାଜିକ ଗଣମାଧ୍ୟମରେ ମୋବାଇଲ ଆଲୁଅରେ ଅପରେଶନ ଚାଲିଥିବା ନେଇ ଏକ ଫଟୋ ଭାଇରାଲ ହୋଇଛି। ଉକ୍ତ ଫଟୋର ବୈଧତା ଉପରେ ଯାଞ୍ଚ କରାଯିବ। କାରଣ ଉକ୍ତ ଫଟୋରେ କୌଣସି ଡାକ୍ତର ମୋବାଇଲ ଫୋନ ଆଲୁଅ ବ୍ୟବହାର କରୁନାହାନ୍ତି। ସେମାନଙ୍କ ମୁହଁ, ଅପରେଶନ ସରଞ୍ଜାମ, ପଛପଟ କାନ୍ଥ ସ୍ପଷ୍ଟ ଭାବେ ଜଣାପଡୁଛି। ମୋବାଇଲ ଫୋନ ଆଲୁଅରେ ଏଭଳି ସ୍ୱଚ୍ଛତା ଆସିବ ନାହିଁ। ଯାଞ୍ଚ କଲା ପରେ ଯଦି ଏଥିରେ ସତ୍ୟତା ଥାଏ, ତା'ହେଲେ ଫଟୋ ଉଠାଇ ଭାଇରାଲ କରିଥିବା ଡାକ୍ତର କିମ୍ବା କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରେଶନ କକ୍ଷ ଭିତରେ ଫଟୋ ଉଠାଇବା ବେନିୟମ। ବିଦ୍ୟୁତ୍ ସମସ୍ୟା ସମାଧାନ ପାଇଁ ଏକ ଜେନେରେଟର ରହିଛି। ଏଥିରେ ସମଗ୍ର ହସ୍ପିଟାଲକୁ ଗୋଟିଏ କେବୁଲ ସହାୟତାରେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରାଯାଇଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଉକ୍ତ କେବୁଲରେ ସମସ୍ୟା ଦେଖାଦେଇଛି। ଏହାର ମଧ ମରାମତି କରାଯିବ। ଗୋଟିଏ କେବୁଲ ସମସ୍ୟା ଯୋଗୁ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟ ଦେଖାଦେଉଛି ବୋଲି ସେ କହିଥିଲେ। ଅଭିଯୋଗ କ୍ରମେ ଶୁକ୍ରବାର ସକାଳ ୯ଟାରେ ଶିଶୁ ଯତ୍ନ କେନ୍ଦ୍ର (ଏସ୍‌ଏନ୍‌ସିୟୁ) ନିକଟରେ କେବୁଲ ପୋଡି ଯାଇଥିଲା। ନିକଟରେ ଥିବା ଶୈଲ୍ୟ ବିଭାଗରେ ଅପରେଶନ ପାଇଁ ଜଣେ ରୋଗୀଙ୍କୁ ନିଶ୍ଚେତକ ଇଞ୍ଜେକ୍‌ଶନ୍ ଦିଆଯାଇଥିଲା। ଅପରେଶନ ଚାଲିଥିବା ସମୟରେ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିଲା। ଏହି ସମୟରେ ମୋବାଇଲ ଲାଇଟ୍ ବ୍ୟବହାର କରି ଡାକ୍ତରମାନେ ଅପରେଶନ ଶେଷ କରିଥିବା ଅଭିଯୋଗ ହୋଇଥିଲା। ସୂଚନାଯୋଗ୍ୟ, ପୂର୍ବରୁ ଭିମ୍‌ସାରରେ ପୂର୍ବତନ ନିର୍ଦ୍ଦେଶକ ଅଶ୍ୱିନୀ ପୂଜାରୀଙ୍କ ସମୟରେ ଓଟିର ଏକ ଫଟୋ ଭାଇରାଲ ହୋଇଥିଲା। ଏଥିରେ ନିର୍ଦ୍ଦେଶକ ଓ ଅନ୍ୟ କେତେଜଣ ଡାକ୍ତର ଉପସ୍ଥିତ ରହିଥିଲେ। ଓଟି ଭିତରେ ଲୁଣ ପ୍ୟାକେଟ ରଖାଯାଇଥିଲା। ରୋଗୀଙ୍କୁ ଲୁଣ ଦେଇ ଚିକିତ୍ସା କରାଯାଉଥିବା ନେଇ ଭିମ୍‌ସାର ନିର୍ଦ୍ଦେଶକଙ୍କ ନାମରେ ଅଭିଯୋଗ ହୋଇଥିଲା। ଫଟୋ ଭାଇରାଲ କରିଥିବା ଡାକ୍ତରଙ୍କ ବିରୋଧରେ ତଦନ୍ତ କରାଯାଇଥିଲା। ଯାଞ୍ଚ ପାଇଁ ଫଟୋଟିକୁ ଚଣ୍ଡିଗଡ ପଠାଯାଇଥିବା ବେଳେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏହି ଫଟୋର ସତ୍ୟାସତ୍ୟ ସାମ୍ନାକୁ ଆସିଲା ପରେ ଭିମ୍‌ସାର କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନା ତଦନ୍ତ ଆଳରେ ସମୟ ଗଡାଇବେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ଭାଇରାଲ ହୋଇଥିବା ଭିମ୍‌ସାର ଅସ୍ତ୍ରୋପଚାର କକ୍ଷର ଫଟୋ।

- ମୋବାଇଲ ଆଲୁଅରେ ଅସ୍ତ୍ରୋପଚାର ଚର୍ଚ୍ଚା
- ଓଟି ଭିତରେ ଫଟୋ ନେବା ବେନିୟମ
- ପୂର୍ବରୁ ମଧ ଓଟିର ଫଟୋ ଭାଇରାଲ ହୋଇଥିଲା

**ଗୋ ମାଂସ ଜବତ : ୨ ଗିରଫ**

ବଡ଼ଗାଁ, (ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସାହାଜବାହାଲ ଗାଁ ନିକଟ ଝଣ୍ଟେଲବୁଡ ଗ୍ରାମରେ ଶନିବାର ଭୋର ୫ଟାରେ ଗାଈ ମାରି ମାଂସ ଭାଗବାଣ୍ଟ ହେଉଥିବା ସୂଚନାକ୍ରମେ ପୋଲିସ ଚଢ଼ାଉ କରି ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସାହାଜବାହାଲ ଗ୍ରାମର ଇସଦର ଟପ୍ପୋ ଓ ପ୍ରକାଶ ଟପ୍ପୋ। ୭ ପିଓସିଏସ ଆକ୍ଟରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବୀରମିତ୍ରପୁରରେ ପିଏଲ୍ଏଫ୍ଆଇ ପୋଷ୍ଟର

## ପିଏଲ୍ଏଫ୍ଆଇ ଜିନ୍ଦାବାଦ, କିଷାନ ମଜଦୁର ଏକ ହୁଅ, ପଶୁ ବେପାରୀ ସାବଧାନ, ପୋଲିସ ଇନ୍‌ଫର୍ମର ସାବଧାନ ଉଲ୍ଲେଖ ରହିଛି

**କୁଆଁରମୁଣ୍ଡା,୧୪।୮(ଡି.ଏନ.ଏ.)**

ଦୀର୍ଘ ୩ବର୍ଷର ନୀରବତା ପରେ ପିପୁଲ୍ସ ଲିବରେସନ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ପିଏଲ୍ଏଫ୍ଆଇ) ପୁଣି ନିଜର ଉପସ୍ଥିତି ଜାହିର କରିଛି। ଉକ୍ତ ଅପରାଧିକ ସଙ୍ଗଠନ ଓଡ଼ିଶା–ଝାଡଖଣ୍ଡ ସୀମାନ୍ତବର୍ତ୍ତୀ ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାଠାରୁ ମାତ୍ର ୧୦୦ ମିଟର ଦୂରରେ ଥିବା ପୌରପାଳିକା କଲ୍ୟାଣ ମଣ୍ଡପ ନିକଟରେ ଏକ ଧମକପୂର୍ଣ୍ଣ ପୋଷ୍ଟର ମାରିବା ଘଟଣା ଶନିବାର ସକାଳ ସମୟରେ ଲୋକଲୋଚନକୁ ଆସିବା ପରେ ଜଣାପଡ଼ିଛି। ସେହିପରି ସମାନ ପ୍ରକାରର ଅନ୍ୟ ଏକ ପୋଷ୍ଟର ଡନବସ୍କୋ ଚର୍ଚ୍ଚ ନିକଟରେ ଥିବା ବସ୍‌ଷ୍ଟାଣ୍ଡ ଯାତ୍ରୀ ପ୍ରତୀକ୍ଷାଳୟ ନିକଟରେ ଲାଗିଥିବାର ପୋଲିସ ନଜରକୁ ଆସିଛି। ଉକ୍ତ ପୋଷ୍ଟରରେ ପିଏଲ୍ଏଫ୍ଆଇ ଜିନ୍ଦାବାଦ, କିଷାନ ମଜଦୁର ଏକ ହୁଅ, ପଶୁ ବେପାରି ସାବଧାନ, ପୋଲିସର ଇନ୍‌ଫର୍ମର ସାବଧାନ ଇତ୍ୟାଦି ଲାଲକାଳିରେ ଲେଖାଯାଇଛି। ଉକ୍ତ ଘଟଣାରୁ ସ୍ପଷ୍ଟ ହେଉଛି ଯେ, ପଶୁ ବେପାରିମାନେ ଉକ୍ତ ଥାନା ଅଞ୍ଚଳ ଦେଇ ଅବାଧରେ ରାଜ୍ୟ ବାହାରକୁ ପଶୁ ବିଶେଷକରି ଗୋଚାଲାଣ କରୁଥିବାବେଳେ ଏଥିରେ ପୋଲିସ ରୋକ୍ ନ ଲଗାଇବା ଯୋଗୁ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ସେହିପରି ପୋଲିସ ଇନ୍‌ଫର୍ମରମାନେ ପୋଲିସକୁ ସୂଚନା ଦେଉଥିବାରୁ ସେମାନଙ୍କୁ ଚେତାବନୀ ଦିଆଯାଇଛି। ପିଏଲ୍ଏଫ୍ଆଇ ସଙ୍ଗଠନ କୌଣସି ଅପରାଧିକ କାର୍ଯ୍ୟ କରିବା ଆଗରୁ ସୂଚନା ଦାତାମାନେ ପୋଲିସକୁ ଜଣାଇଦେଉଛନ୍ତି। ଫଳରେ ପୋଲିସ ପହଞ୍ଚି ଯାଉଛି। ତେଣୁ ପୋଲିସ ଇନଫର୍ମରମାନଙ୍କୁ ପୋଲିସ ଦଲାଲ ବୋଲି ଅଭିହୀତ କରି ଚେତାବନୀ ଦିଆଯାଇଛି। ସାଧାରଣ ଖଟିକିଆ, କୃଷକମାନଙ୍କୁ ଏକଜୁଟ୍ କରି ଉକ୍ତ ଆପରାଧିକ ସଙ୍ଗଠନ ପିଏଲ୍ଏଫ୍ଆଇ ନିଜର ଉପସ୍ଥିତି ପୁନର୍ବାର ଜାହିର କରିବାକୁ ଯୋଜନା କରୁଥିବା ନେଇ ଏହାର ଜୋନାଲ କମିଟିର ରାଣା ଜୀଙ୍କ ନାମ ଥିବା ପୋଷ୍ଟର ଲାଗିଛି। ଏହାକୁ ନେଇ ବୀରମିତ୍ରପୁର ପୋଲିସ ତୀକ୍ଷ୍ଣ ନଜର ରଖିଛି। ଏହାସହ ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ପାଳନ ସମୟରେ ମଧ୍ୟ ବୀରମିତ୍ରପୁର ପୋଲିସ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିଥିବା ଏସ୍‌ଡିପିଓ ମାନସ ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।




ବୀରମିତ୍ରପୁର ଜଗନ୍ନାଥ ବାଟିକା ନିକଟସ୍ଥ କଲ୍ୟାଣମଣ୍ଡପ ନିକଟରେ ଲାଗିଥିବା ପିଏଲ୍ଏଫ୍ଆଇ ପୋଷ୍ଟର।

# ମା’ ତାରିଣୀ ଫୁଟବଲ ଦଳ ଚାମ୍ପିୟନ



ଉଦ୍‌ଯାପନୀରେ ଖେଳାଳିଙ୍କ ସହ ଅତିଥି।

## ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଦେବଗଡ଼,୧୪।୮(ଡି.ଏନ.ଏ.)**

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲସ୍ଥିତ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ କଣ୍ଢେଲ ହାଇସ୍କୁଲ ପଡିଆରେ ଗତ ୧୨ ତାରିଖଠାରୁ ଆରମ୍ଭ ହୋଇଥିବା ତ୍ରି–ଦିବସୀୟ ଫୁଟବଲ୍ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାରକାନୀ ଫୁଟବଲ ଦଳକୁ ୪–୦ ଗୋଲରେ ପରାସ୍ତ କରି ସରତଳା ମା’ ତାରିଣୀ ଫୁଟବଲ ଦଳ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରୀ ଭାବେ ପ୍ରଦୀପ ସାହୁ, ଟୁଲୁ ସାହୁ ଓ ଗଗନ ସାହୁ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ମୁନା ରାଉତ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ କଣ୍ଢେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ବିରଞ୍ଚି ବେହେରା, ଗୁଣନିଧି ନାୟକ ଓ ସୁରେଶ କୁମାର ସାହୁ ଯୋଗଦେଇ ଚାମ୍ପିୟନ ସରତଳା ମା’ ତାରିଣୀ ଫୁଟବଲ ଦଳ ଓ ରନର୍ସ ଅପ୍ ବାରକାନୀ ଫୁଟବଲ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ ସ୍ପୋର୍ଟସ କ୍ଲବର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ସଦସ୍ୟ, କର୍ମକର୍ତ୍ତା ସହଯୋଗ କରିଥିଲେ।




# ଯୁବ ଶିଳ୍ପୀ ପାଇବେ ହସ୍ତକଳାରେ ଜାତୀୟ ପୁରସ୍କାର

**ସୁନ୍ଦରଗଡ଼, ୧୪।୮(ଡି.ଏନ୍.ଏ)**

ସ୍ଥାନୀୟ ଚାରୁ ଓ କାରୁକଳା ମହାବିଦ୍ୟାଳୟ କଳାୟତନର ପୁରାତନ ଛାତ୍ର ତଥା କଳାଶିକ୍ଷକ ରାଜେନ୍ଦ୍ର ମେହେରଙ୍କୁ ଜାତୀୟ ହସ୍ତକଳା ପୁରସ୍କାର ପାଇଁ ମନୋନୀତ କରାଯାଇଛି। ସେ ୨୦୧୮ ବର୍ଷ ପାଇଁ ଏହି ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ ନୂଆଦିଲ୍ଲୀଙ୍କ ତରଫରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ନଗଦ ୧ଲକ୍ଷ ଟଙ୍କା ସହିତ ମାନପତ୍ର ପ୍ରଦାନ କରାଯିବ। ସୁନ୍ଦରଗଡ଼ ସହର ମହାନ୍ତିପଡା ନିବାସୀ କୃଷ୍ଣଚନ୍ଦ୍ର ମେହେର ଓ ଗୌରୀ ମେହେରଙ୍କ ସୁପୁତ୍ର ରାଜେନ୍ଦ୍ରଙ୍କ ଟସର ସୂତାରେ ତିଆରି କରାଯାଇଥିବା ୨୭ଗୁଣନ ୩୫ଇଞ୍ଚ ସାଇଜର ସିଦ୍ଧିବିନାୟକ କଳାକୃତି ପାଇଁ ସେ ଏହି ପୁରସ୍କାର ପାଇବେ। ରାଜେନ୍ଦ୍ର ଓ ତାଙ୍କର ସ୍ତ୍ରୀ ସୁମନଙ୍କ ମଧ୍ୟ ସେମାନଙ୍କର ହସ୍ତକଳା ପାଇଁ ୨୦୧୭ ଓ୨୦୧୮ରେ ରାଜ୍ୟ ହସ୍ତକଳା ପୁରସ୍କାର ପାଇ ସୁନ୍ଦରଗଡ ଜିଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିଛନ୍ତି। ରାଜେନ୍ଦ୍ର ନିଜର ସ୍କୁଲ ଶିକ୍ଷା ସମାପ୍ତ ପରେ ସୁନ୍ଦରଗଡ କଳାୟତନରେ ୫ବର୍ଷୀୟା ବ୍ୟାଚଲର ଇନ୍ ଫାଇନ ଆର୍ଟସ ଶିକ୍ଷା ପ୍ରଥମ ଶ୍ରେଣୀରେ ସମାପ୍ତ ପରେ ବିଭିନ୍ନ ଅନୁଷ୍ଠାନରେ କଳା ଶିକ୍ଷକ ଭାବେ କାର୍ଯ୍ୟକରି ଆସୁଛନ୍ତି। ଏହି ପ୍ରତିଭାବାନ୍ ଶିଳ୍ପୀ ନିଜର ନିଷ୍ଠାପର ସାଧନାକୁ ନ ଭୁଲି ବିଭିନ୍ନ ସମୟରେ ଶ୍ରେଷ୍ଠ କଳାକୃତି ମାନପ୍ରସ୍ତୁତ କରି ରାଜ୍ୟ ଓ ଜାତୀୟସ୍ତରର ପ୍ରତିଯୋଗିତା ଓ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇ ଆସୁଛନ୍ତି। ହସ୍ତକଳା ବ୍ୟତୀତ ଚିତ୍ରକଳାରେ ମଧ୍ୟ ତାଙ୍କର ଦକ୍ଷତା ପ୍ରଶଂସନୀୟ। ହସ୍ତକଳା କ୍ଷେତ୍ରରେ ତାଙ୍କର ଏହି ବିରଳ ବୃହତ୍ତର ସଫଳତା ପାଇଁ କଳାୟତନ ଭାଇସ ଚେୟାରମ୍ୟାନ ଡ. ଦିଲୀପ କୁମାର ହାତୀ, ସମ୍ପାଦକ ଶିଳ୍ପୀ ଶୀତଳକୁମାର ମହାପାତ୍ର, ଶିକ୍ଷକ, ଛାତ୍ରୀଛାତ୍ର କର୍ମକର୍ତ୍ତାଙ୍କ ତରଫରୁ ରାଜେନ୍ଦ୍ରଙ୍କୁ ଅଭିନନ୍ଦନ ଜଣାଯାଇଛି।










# ହାତୀ ଉପଦ୍ରବ, ଜଣେ ଗୁରୁତର

**କୁତ୍ରା/ବଡ଼ଗାଁ,୧୪।୮ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ବନାଞ୍ଚଳର କୁତ୍ରା ଓ ବଡ଼ଗାଁ ବ୍ଲକରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଏହି ଅଞ୍ଚଳରେ ପ୍ରତିବର୍ଷ ହାତୀ ଉପଦ୍ରବ କରିଆସୁଛନ୍ତି। ହାତୀ ପଲରୁ ତଡାଖାଇ ଏକାକୀ ବୁଲୁଥିବା ଦନ୍ତା ଚଳିତବର୍ଷ ଜୁଲାଇ ୨୩ ପର୍ଯ୍ୟନ୍ତ ଅଞ୍ଚଳରେ ଦେଖାଯାଇଥିଲା। ଉପଦ୍ରବ କରି ଆସୁଥିବା ଦନ୍ତା ବନାଞ୍ଚଳରୁ କୁଆଡେ ଚାଲିଗଲା ପରେ ଚଳିତ ମାସ ୭ ତାରିଖରୁ ୬ ଶାବକ ସହିତ ୭ ମାଈ ଓ ୮ଟି ଅଣ୍ଡିରା ହାତୀ ଥିବା ପଲ କୁସୁମଡେଗି ଜଙ୍ଗଲରେ ଡେରା ଜମାଇଛନ୍ତି। ଫଳରେ ଆଖପାଖ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଶନିବାର ଭୋର ୭ଟାରେ କୁସୁମଡେଗି, ଝରାପଡାର ସୁଶିଲ ବିଲୁଙ୍ଗ (୫୫) ଜଙ୍ଗଲ ପଟକୁ ଶୌଚ ପାଇଁ ଯାଇଥିଲା ବେଳେ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇଥିବା କୁହାଯାଇଛି। ହାତୀ ଆକ୍ରମଣ କରିଛି ନା ହାତୀକୁ ଦେଖି ଦୌଡି ପଳାଇଲା ବେଳେ ପଡିଯାଇ ବାମ ହାତ ଭାଙ୍ଗିଛି ସ୍ପଷ୍ଟ ହୋଇପାରି ନାହିଁ। ଖବର ପାଇ ଘଟଣା ସ୍ଥଳରେ ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ପଲର ଗତିବିଧି ଉପରେ ନଜର ରଖିଛନ୍ତି। ଏଥିପ୍ରତି ବନବିଭାଗ ଦୃଷ୍ଟି ଦେଇ ତାଙ୍କୁ ଚିକିତ୍ସା ଖର୍ଚ୍ଚ ପ୍ରଦାନ ପାଇଁ ସାଧାରଣରେ ଦାବି ହେଉଛି। ତେବେ ଜଙ୍ଗଲରେ ଥିବା ୭ ମାଈ ହାତୀ ମଧ୍ୟରୁ ଗୋଟିଏ ହାତୀ ୪ ଦିନ ପୂର୍ବେ ଶାବକ ଜନ୍ମ ଦେଇଥିବାରୁ ହାତୀ ପଲ ସେହି ଅଞ୍ଚଳ ଛାଡୁ ନାହାନ୍ତି। ହାତୀପଲର ଗତିବିଧି ଉପରେ ବନ କର୍ମଚାରୀ ନଜର ରଖିବା ସହିତ ମାଇକ ଦ୍ୱାରା ଗାଁଗୁଡିକରେ ଲୋକଙ୍କୁ ସତର୍କ ରହିବାକୁ ପ୍ରଚାର କରାଯାଉଛି।













# ବାଙ୍କି ରେଞ୍ଜ ପକ୍ଷରୁ ଗଜ ଦିବସ

**ଲହୁଣୀପଡା,୧୪।୮(ଡି.ଏନ.ଏ.)**

ସୁନ୍ଦରଗଡ଼ ଜିଲା ରାଉରକେଲା ବନଖଣ୍ଡର ବାଙ୍କି ରେଞ୍ଜ ଅଧିନସ୍ଥ କୁଚେଇତା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଶ୍ୱ ଗଜ ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆର୍‌ସିସିଏଫ ଅରୁଣ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ରାଉରକେଲା ଡିଏଫ୍‌ଓ ଯଶୋବନ୍ତ ସେଠୀ, ସମ୍ମାନିତ ଅତିଥି ଭାବରେ ଏସିଏଫ୍ ଦିଲୀପ କୁମାର ସାହୁ, କୁଚେଇତା ସରପଞ୍ଚ ଅର୍ଜୁନ ମୁଣ୍ଡାରୀ, ଅତିରିକ୍ତ ରେଞ୍ଜର ରାଜେଶ ରଜତ ଯୋଗଦେଇଥିଲେ। ବାଙ୍କି ରେଞ୍ଜର ଅଜୟ କୁମାର ଖେସ୍‌ଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଅଗଷ୍ଟ ୧୨ ବିଶ୍ୱ ଗଜ ଦିବସକୁ କେବଳ ବନ ବିଭାଗରେ ସୀମିତ ନ ରଖି ସାଧାରଣ ଲୋକ ମଧ୍ୟ ଏହି ଦିବସର ଗୁରୁତ୍ୱ ବୁଝିବା ଆବଶ୍ୟକ ବୋଲି ଅତିଥିମାନେ କହିଥିଲେ। ହାତୀ ପଲ ଆସିଲେ ଯଥା ସମ୍ଭବ ସୂଚନା ଦେବା ଏବଂ ଘଉଡାଇବାରେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଥିବା ସାରାନ ସୋଏ, ମାନସୁକ ସୋଏ, ଲକ୍ଷଣ ତିର୍କୀ, କୁଶଳ ବାରଡିଆଙ୍କୁ ବାଙ୍କି ରେଞ୍ଜ ତରଫରୁ ପୁଷ୍ପଗୁଚ୍ଛ, ଉପଢ୍ୱୌକନ ଓ ଉତ୍ସାହ ରାଶି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ରାଜାମୁଣ୍ଡା ଫରେଷ୍ଟର ପ୍ରଫୁଲ୍ଲ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଫରେଷ୍ଟର କପିଳେଶ୍ୱର ବେହେରା, ହରିଶ୍ଚନ୍ଦ୍ର ଜେନା, ବିନିତା ବରୁଆ, ବନରକ୍ଷୀ ଚନ୍ଦନ ଘୋଷ, ରତନ ମହାକୁଳ, ସବିତା କିଷାନ, ଚିନ୍ମୟ ସାମଲ, ବନ ସୁରକ୍ଷା ସମିତି କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପୂର୍ବତନ ପ୍ରଧାନଶିକ୍ଷକଙ୍କ ପରଲୋକ

**କୁତ୍ରା, ୧୪।୮(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଉଡ଼ରୁମା ଗ୍ରାମରେ ବସବାସ କରୁଥିବା ଗାଏରବାହାଲ ପ୍ରାଇମେରୀ ସ୍କୁଲର ପୂର୍ବତନ ପ୍ରଧାନଶିକ୍ଷକ ମୀନକେତନ ଶେଖର ଦେଓ(୮୦)ଙ୍କ ଶନିବାର ସକାଳେ ଦେହାନ୍ତ ହୋଇଯାଇଛି। ଅବସର ଗ୍ରହଣ କରିବା ପରେ ଦୀର୍ଘବର୍ଷରୁ ନିଜକୁ ସମାଜ ସେବାରେ ନିୟୋଜିତ କରି ସମାଜସେବୀ ଭାବରେ ବେଶ୍ ପରିଚିତ ଥିଲେ। ସେ ଅତ୍ୟନ୍ତ ସରଳ ସ୍ୱଭାବର ବ୍ୟକ୍ତି ଥିଲେ। ଶିକ୍ଷକତା ସମୟରେ ଉତ୍ତମ ଶିକ୍ଷକ, ଛାତ୍ର ବତ୍ସଳ, ସ୍ନେହୀ ଶିକ୍ଷକ ଓ ସମାଜସେବୀ ଭାବେ ସୁନାମ ଅର୍ଜନ କରିଥିଲେ। ତାଙ୍କ ମୃତ୍ୟୁଖବର ପ୍ରଚାରିତ ହେବା ପରେ ସୁକାନ୍ତ ଶେଖର ଦେଓ, ଅମରେନ୍ଦ୍ର ଶେଖର ଦେଓ, ସମରେନ୍ଦ୍ର ଶେଖର ଦେଓ, ଦିପେଶ ଶେଖର ଦେଓ, ଡମ୍ବଧର ସିଂ, ପ୍ରଶାନ୍ତ ଶେଖର ଦେଓ, ପ୍ରଫୁଲ୍ଲ ସାହୁ, ସରତ ସା, ହିରନ କୁଜୁର ଓ ଅଞ୍ଚଳର ଗ୍ରାମବାସୀ ଶୋକ ବ୍ୟକ୍ତ କରିଛନ୍ତି।



## ଭାଜପା ମହିଳା ମୋର୍ଚ୍ଚା ବୈଠକ

ବରଗଡ଼ ଅଫିସ୍: ବରଗଡ଼ ଭାଜପା ମହିଳା ମୋର୍ଚ୍ଚାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁନନ୍ଦା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସରକାରଙ୍କ ମହିଳା ବିରୋଧି ନୀତି, ଆଗାମୀ ଦିନରେ ମହିଳା ସଶକ୍ତୀକରଣ ଏବଂ ମହିଳାଙ୍କୁ ସମସ୍ତ କ୍ଷେତ୍ରରେ ଅଗ୍ରାଧିକାର ଦେବା ନେଇ ଆଲୋଚନା ହୋଇଥିଲାଯ୍। ବୈଠକରେ ଦଳର ଜିଲା ସଭାପତି ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଜିଲାରେ ମହିଳା ଭୋଟରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ଅନୁରାଧା ଅଗ୍ରୱାଲ, କୁମୁଦିନୀ ସାହୁ, ମୀନା ସରାଫ, ମମତା ଅଗ୍ରୱାଲ, କ୍ଷୀରେଶ୍ୱରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଶବଦାହ ଗୃହନାହିଁ, ୯ଖଣ୍ଡ ଗାଁର ଲୋକେ ହନ୍ତସନ୍ତ

**ଅମରପାଲି,୧୪।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ଉଫୁଲା ପଞ୍ଚାୟତର ପଣ୍ଡାପାଲି ଯୋର ନିକଟ ଶ୍ମଶାନରେ ଅଞ୍ଚଳର ପ୍ରାୟ ୯ ଖଣ୍ଡ ଗ୍ରାମର ଲୋକେ ଶବ ଦାହ କରିଥାନ୍ତି। ମାତ୍ର ସେଠାରେ ଶ୍ମଶାନ ଗୃହ ନ ଥିବାରୁ ଶବଦାହ ପାଇଁ ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବର୍ଷା ହେଲେ ଯୋରରେ ପାଣି ଆସିଥାଏ। ତେଣୁ ଶବ ସତ୍କାର ବେଳେ ସମସ୍ୟା ହୋଇଥାଏ । ସରକାର ପ୍ରତିଗ୍ରାମରେ ଶବଦାହ ପାଇଁ ଶ୍ମଶାନ ଗୃହ ନିର୍ମାଣ କରିବା ପାଇଁ ଯୋଜନା କରିଛନ୍ତି । ମାତ୍ର ସ୍ଥାନୀୟ ଜନପ୍ରତିନିଧି ଓ ଅଧିକାରୀଙ୍କ ଉଦାସୀନତା ଯୋଗୁଁ ଏଠାରେ ଶବଦାହ ଗୃହ ହୋଇ ପାରୁ ନ ଥିବା ଅଭିଯୋଗ ହେଉଛି । ତେଣୁ ଉକ୍ତ ସ୍ଥାନରେ ଯଥାଶୀଘ୍ର ଏକ ଶବଦାହ ଗୃହ ନିର୍ମାଣ କରିବାକୁ ଦାବି ହେଉଛି ।

### କଂଗ୍ରେସ ଦଳର କୌଣସି ଯୁବ-ଛାତ୍ର ବିଜେଡିରେ ଯୋଗଦାନ କରିନାହାନ୍ତି: ନଗର କଂଗ୍ରେସ

**ବଲାଙ୍ଗୀର ଅଫିସ,୧୪।୮:** ଶୁକ୍ରବାର ବଲାଙ୍ଗୀରଠାରେ ଅନୁଷ୍ଠିତ ଜିଲା ବିଜୁ ଯୁବ-ଛାତ୍ର ଜନତା ଦଳର ନେତୃତ୍ୱ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ୫୦ରୁ ଉର୍ଦ୍ଧ୍ୱ ଯୁବ-ଛାତ୍ର କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ଘୋଷଣା କରାଯାଇଥିଲା। ଏହି ଖବରକୁ ଶନିବାର ନଗର କଂଗ୍ରେସ ପକ୍ଷରୁ ଖଣ୍ଡନ କରାଯାଇଛି। କଂଗ୍ରେସ ଦଳର କୌଣସି ଯୁବ ଓ ଛାତ୍ର ଦଳ ଛାଡି ବିଜେଡିରେ ଯୋଗଦେଇନାହାନ୍ତି ବୋଲି ନଗର କଂଗ୍ରେସ ସଭାପତି ବୁଲୁ ଦାନୀ କହିବା ସହ ବିଜେଡି ଦଳକୁ ସମାଲୋଚନା କରିଛନ୍ତି। ଜାତୀୟ ସ୍ତରରେ ରାହୁଲ ଗାନ୍ଧୀଙ୍କ ଆଦର୍ଶ, ଜିଲାରେ ବିଧାୟକ ନରସିଂହ ମିଶ୍ର ଏବଂ ଯୁବନେତା ସମରେନ୍ଦ୍ର ମିଶ୍ରଙ୍କ ଆଦର୍ଶ ଓ ନେତୃତ୍ୱ ପ୍ରତି ଛାତ୍ର ଓ ଯୁବକମାନେ ସବୁବେଳେ ସମର୍ଥନ ଦେଇଆସିଛନ୍ତି ବୋଲି କହିଛନ୍ତି।

### ସୁବଳୟା ହାଇସ୍କୁଲରେ ଶିକ୍ଷାସେତୁ କାର୍ଯ୍ୟକ୍ରମ

**ଅମରପାଲି,୧୪।୮(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଉଚ୍ଚ ବିଦ୍ୟାଳୟରେ ଶନିବାର ଶିକ୍ଷାସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟତ୍ରୀ ସ୍ୱର୍ଣ୍ଣଲତା ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର ମୁଖ୍ୟଅତିଥି ଏବଂ ସହଗୋଷ୍ଠୀ ଅଧିକାରୀ ଲକ୍ଷ୍ମଣ ରଥ, ବାର୍ଣ୍ଣୀ ଡୁଙ୍ଗଡୁଙ୍ଗ ଓ ଚମ୍ପେଶ୍ୱର ଦାଶ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଚନ୍ଦ୍ରମଣୀ ବାଘ କାର୍ଯ୍ୟକ୍ରମ ସଂଯୋଜନା, ଅରୁଣ ସିଂ ଅତିଥି ପରିଚୟ ଓ ଶିକ୍ଷକ ସୁନୀଲ ବରିହା ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ହରି ପାତ୍ର, ଶିକ୍ଷକ ସଦାନନ୍ଦ ରଥ, ସୁରେନ୍ଦ୍ର ପାଢ଼ୀ, ପ୍ରଭାସ ତ୍ରିପାଠୀ, ନିହାରରଞ୍ଜନ ମିଶ୍ର, ପ୍ରଦୀପ ମହାନନ୍ଦ ଉପସ୍ଥିତ ଥିଲେ ।

### କାର୍ଯ୍ୟାନୁଷ୍ଠାନ ଦାବି କଲେ ସ୍ୱାସ୍ଥ୍ୟ କର୍ମଚାରୀ

**ଟିକାକେନ୍ଦ୍ରରେ ଯୁବକଙ୍କ ଉନ୍ମତ୍ତକାଣ୍ଡ ଘଟଣା**

**ଲୋଇସିଂହା,୧୪।୮(ଡି.ଏନ.ଏ.):** ଲୋଇସିଂହା ବ୍ଲକ ତଥା ବଲାଙ୍ଗୀର ସଦର ଥାନା କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରସ୍ଥ ଟିକା କେନ୍ଦ୍ରରେ ଗତ ୧୨ତାରିଖରେ ଦୁଇଜଣ ଯୁବକ ଟିକାକେନ୍ଦ୍ରରେ ପଶି ନିୟୋଜିତ କର୍ମଚାରୀଙ୍କୁ ଗାଳିଗୁଲଜ ଓ ଲାଞ୍ଛ ନେଉଥିବା ନେଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ସ୍ୱାସ୍ଥ୍ୟକର୍ମୀମାନେ ଖଲିଆପାଲି ଗ୍ରାମର ବିମଳ ଦୀପ ଓ ମିଥୁନ ଭୁଏଙ୍କ ବିରୋଧରେ ସଦର ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଯୁବକଙ୍କ ବିରୋଧରେ ସେମାନେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅଭିଯୋଗମତେ, କୁଶମେଲ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୨ ତାରିଖ ଟିକାକରଣ ଚାଲିଥିବାବେଳେ ସମ୍ପୃକ୍ତ ଯୁବକଦ୍ୱୟ ସେଠାକୁ ଯାଇ ଟିକା ଦେବାକୁ ଦାବି କରିଥିଲେ । ଆଶାକର୍ମୀଙ୍କ ସହ ଯୁକ୍ତିତର୍କ କରି ଆଶାଳୀନ ଭାଷା ପ୍ରୟୋଗ କରିଥିଲେ। ଚିକିତ୍ସାଧିକାରୀ ପ୍ରତିମା ସୋରେନ ବ୍ଲକ କୋଭିଡ ନୋଡାଲ ଅଫିସର ବିଡିଓ ରାମଚନ୍ଦ୍ର ଖାର୍ଡିଆଙ୍କୁ ଘଟଣା ସଂକ୍ରାନ୍ତରେ ଜଣାଇଥିଲେ ।

# ବାଲି ମାଫିଆଙ୍କୁ ଅନୁକମ୍ପା, ତାତିଲେ ଗ୍ରାମବାସୀ

**ବରଗଡ଼ ଅଫିସ୍,୧୪।୮**



ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୋଡ଼ଭଗା ଫାଣ୍ଡି ଆଗରେ ଗ୍ରାମବାସୀ।

- ତହସିଲଦାର, ଥାନାଧିକାରୀଙ୍କୁ ଭେଟିଲେ
- ଅଭିଯୁକ୍ତଙ୍କ ଗିରଫ ଦାବି କଲେ ଗ୍ରାମବାସୀ
- ଗିରଫ କରା ନ ଗଲେ ଆଗକୁ ଆନ୍ଦୋଳନ

ବରଗଡ଼ ଜିଲା ଗୋଡ଼ଭଗା-ଡୁରୁମ ରାସ୍ତାର ପୋଡ଼ବାଡ଼ି ଛକରେ ଗୁରୁବାର ସନ୍ଧ୍ୟାରେ ଭୁଜାଲି ଆକ୍ରମଣ ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଏପର୍ଯ୍ୟନ୍ତ ଗିରଫ କରି ପାରିନାହିଁ। ଏଥିରେ ବାଲି ମାଫିଆମାନେ ସମ୍ପୃକ୍ତ ରହିଥିବା ଏବଂ ପୋଲିସ ସେମାନଙ୍କୁ ଗିରଫ କରୁନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି କ୍ରମରେ ଶନିବାର ଗ୍ରାମବାସୀ ଅତାବିରା ଥାନା, ତହସିଲ ଅଫିସ୍ ସମେତ ଗୋଡ଼ଭଗା ଫାଣ୍ଡିକୁ ଆସି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗକୁ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ପୋଡ଼ବାଡ଼ି ଗ୍ରାମ ଉପକଣ୍ଠରେ ବହିଯାଇଥିବା ଝାଇଁଜୋରରୁ ବାଲି ଉଠାଇବା ପାଇଁ କାହାରିକୁ ଅନୁମତି ଦିଆଯାଇନାହିଁ। ତେବେ ଏଠାକାର ବିଭିନ୍ନ ଘାଟରୁ ନିୟମିତ ବାଲି ଚୋରାଚାଲାଣ ହେଉଛି। ଗୁରୁବାର ଏକ ବାଲି ବୋଝେଇ ଟ୍ରାକ୍ଟର ପୋଡ଼ବାଡ଼ି ଝଙ୍କାବାହାଲ ରାସ୍ତା ଦେଇ ଦ୍ରୁତବେଗରେ ଯାଉଥିଲା। ଛୋଟ ପିଲାମାନେ ସେତେବେଳେ ରାସ୍ତାକଡରେ ଖେଳୁଥିବାରୁ ଟ୍ରାକ୍ଟର ଧୀରେ ଧୀରେ ନେବାକୁ ପୋଡ଼ବାଡ଼ି ଗ୍ରାମର ଜଗଦୀଶ କ୍ଷେତି(୪୦) ଟ୍ରାକ୍ଟର ଚାଳକଙ୍କୁ କହିଥିଲେ। ଏହାର କିଛି ସମୟ ପରେ ୪ଜଣ ଯୁବକ ୨ଟି ବାଇକ୍ ଯୋଗେ ପୋଡ଼ବାଡ଼ି ଛକକୁ ଆସି ଜଗଦୀଶଙ୍କ ମୁଣ୍ଡ ଉପରକୁ ଭୁଜାଲିରେ ଆକ୍ରମଣ କରିଥିଲେ।

ଖବର ପାଇ ଗ୍ରାମବାସୀ ଘଟଣାସ୍ଥଳକୁ ଆସିବା ପରେ ଅଭିଯୁକ୍ତମାନେ ଭୁଜାଲି ଏବଂ ବାଇକ୍ (ନଂ.ଓଡ଼ି୧୪ସି/୬୮୨୩) ଛାଡ଼ି ପଳାଇଥିଲେ। ପରେ ପୋଲିସ ଘଟଣାସ୍ଥଳକୁ ପହଞ୍ଚିଥିଲା। ଏ ନେଇ ଏତଲା ହେବା ପରେ ପୋଲିସ ଏକ ମାମଲା (ନଂ.୨୨୯/୨୧) ରୁଜୁ କରିଛି। ମାତ୍ର ଏପର୍ଯ୍ୟନ୍ତ କାହାରିକୁ ଗିରଫ କରି ପାରି ନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ଶନିବାର ଅତାବିରା ଥାନାକୁ ଆସି ପ୍ରତିବାଦ କରିଥିଲେ। ତେବେ ୨୪ଘଣ୍ଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ଦିଲୀପ କୁମାର ବେହେରା ଆଶ୍ୱାସନା ଦେଇଥିଲେ। ସେହିପରି ଗ୍ରାମବାସୀ ଅତାବିରା ତହସିଲଦାର ଦୁର୍ଯ୍ୟୋଧନ ଭୋଇଙ୍କୁ ଭେଟି ବିନା ନିଲାମରେ ଝାଇଁଜୋରରୁ ବାଲି ଉଠାଯାଉଥିବାବେଳେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ଏବଂ ବାଲି ମାଫିଆମାନେ ଅଞ୍ଚଳର ଲୋକଙ୍କୁ ମରଣାନ୍ତକ ଆକ୍ରମଣ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହିତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ଆଗରୁ ଚଢ଼ାଉ ହୋଇଥିଲା ଏବଂ ଆଗାମୀ ଦିନରେ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଭୋଇ କହିଥିଲେ।

# ଅତାବିରା ବିଜେଡିର କର୍ମୀ ସମାବେଶ

**ଅତାବିରା,୧୩।୮(ଡି.ଏନ.ଏ)**

ବରଗଡ଼ ଜିଲା ଅତାବିରାଠାରେ ଶୁକ୍ରବାର ବିଜେଡ଼ିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ, ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ, ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ବିଜେପୁର ବିଧାୟିକା ରୀତା ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିମାନେ କୃଷି ମାରଣ ନୀତି, ତୈଳ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ନେଇ ଭାଜପା ନେତୃତ୍ୱାଧୀନ କେନ୍ଦ୍ରର ଏନ୍‌ଡ଼ିଏ ସରକାରକୁ ସମାଲୋଚନା କରିଥିଲେ। ଏହାସହିତ ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ଯୁବ ବିଜେଡ଼ି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀ, ଗୌରହରି ମିଶ୍ର, ଜିଲା ମହିଳା ସଭାନେତ୍ରୀ ନୀଳ କୁମାରୀ ନାଏକ, ସୁଜା ପଣ୍ଡା, କରନ ସିକନ୍ଦର, ଭେଡ଼େନ ବ୍ଲକ ଅଧ୍ୟକ୍ଷ ଡୋଲାମଣି କ୍ଷେତି, ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ୱାଧୀନତାର ଅମୃତ ମହୋତ୍ସବ ସୁସ୍ଥ ଭାରତ ଦୌଡ଼


ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମଠାରେ ଅନୁଷ୍ଠିତ ସୁସ୍ଥଦୌଡ।

**ବଲାଙ୍ଗୀର ଅଫିସ, ୧୪।୮**

ସ୍ୱାଧୀନତା ୭୫ ବର୍ଷ ପୂର୍ତ୍ତି ଅବସରରେ ପାଳିତ ସ୍ୱାଧୀନତାର ଅମୃତ ମହୋତ୍ସବ ସୁସ୍ଥ ଭାରତ ଦୌଡ଼ ଶନିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିଲା। ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଏହି ଦୌଡକୁ ଉପଜିଲାପାଳ ଲମ୍ବୋଦର ଧରୁଆ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଅଂଶଗ୍ରହଣକାରୀମାନେ ଗାନ୍ଧୀ ଷ୍ଟାଡିୟମ ଭିତରେ ଦୌଡିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ନରସିଂହା କୁମାର, ସଂଯୋଜକ ଡ. ଶ୍ରୀକର ମିଶ୍ର, ରୋଟାରିଆନ୍ ବିଷ୍ଣୁପ୍ରସାଦ କେଡିଆ, ପ୍ରଭାସ କୁମାର ପାଣିଗ୍ରାହୀ, ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିପ୍ରକାଶ ପରିଡା, ପ୍ରକୃତିବନ୍ଧୁ ଶିକ୍ଷକ ଦିଗାମ୍ବର ନାଏକ, ଡ. ପ୍ରମୋଦ ବାଗ ମଞ୍ଚାସୀନ ହୋଇଥିଲେ। ଏହି ଅବସର ଶପଥ ପାଠ କରିବା ସହ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ବର୍ଷବ୍ୟାପୀ ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହିକ୍ରମରେ ଶନିବାର ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମଠାରେ ସୁସ୍ଥ ଦୌଡ଼ ଅନୁଷ୍ଠିତ ହୋଇଥିଲା। ସମଗ୍ର ଦେଶକୁ ସୁସ୍ଥ ରଖିବା ଦିଗରେ ସଚେତନତା ସୃଷ୍ଟି ହିଁ ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି କୁହାଯାଇଥିଲା।

# ବଦଳିନି ଛେଲବାହାଲ-ସୁକତେଲ ନଦୀ ରାସ୍ତା

**ଲୋଇସିଂହା,୧୪।୮(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଛେଲବାହାଲ ସୁକତେଲ ନଦୀ ରାସ୍ତା ଶୋଚନୀୟ ହୋଇପଡିଛି। ଚଳିତ ଆର୍ଥିକ ବର୍ଷରେ ଉକ୍ତ ରାସ୍ତା ଉନ୍ନତୀକରଣ ପାଇଁ ଲକ୍ଷାଧିକ ଟଙ୍କାବ୍ୟୟ କରାଯାଇଥିଲେ ବି ଅବସ୍ଥା ପରିବର୍ତ୍ତନ ହୋଇନାହିଁ। ଛେଲବାହାଲ ଗ୍ରାମ ପୋଖରୀ ମୁଣ୍ଡରୁ ସୁକକେଲ ନଦୀକୁ ଏକ ରାସ୍ତା ଯାଇଛି। ଏହି ଅଞ୍ଚଳରେ ଛେଲବାହାଲ ଏବଂ ଗୋପାଳପୁର ଗ୍ରାମର ବହୁ ସଂଖ୍ୟକ ଚାଷୀଙ୍କ ଚାଷ ଜମି ରହିଛି । ଚାଷୀମାନେ କ୍ଷେତକୁ ନିୟମିତ ଯିବା ଆସିବା କରିଥାନ୍ତି। ତହସିଲ ପକ୍ଷରୁ ଛେଲବାହଲ ସୁକତେଲ ନଦୀଘାଟ ଲିଜ୍ ପ୍ରଦାନ କରାଯାଉଛି । ଏଥିପାଇଁ ନଦୀରୁ ବାଲି ଉଠାଣ ପାଇଁ ପ୍ରତିଦିନ ବହୁ ସଂଖ୍ୟକ ଟ୍ରାକ୍ଟର, ହାଇୱା ଯିବାଆସିବା କରୁଛି । ଏହାବାଦ ଗତବର୍ଷ ଉକ୍ତ ନଦୀଶଯ୍ୟାରେ ଏକ ପୁରୁଣା ମନ୍ଦିରର କାରୁକାର୍ଯ୍ୟ ଭରା ଶୀଳାଖଣ୍ଡ ମିଳିଥିଲା। ବିପର୍ଯ୍ୟସ୍ତ ରାସ୍ତାରେ ଲୋକେ କୀର୍ତ୍ତୀରାଜି ଦେଖିବାକୁ ଯାଇ ହଟହଟା ହେଉଥିଲେ। ରାସ୍ତା ନିର୍ମାଣ ପାଇଁ ଲୋକେ ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ବିଡିଓଙ୍କ ନର୍ଦ୍ଦେଶରେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ରାସ୍ତା ଉନ୍ନତୀକରଣ କାମ ହାତକୁ ନେଇଛନ୍ତି।


ଶୋଚନୀୟ ହୋଇ ପଡିଥିବା ଛେଲବାହାଲ ସୁକତେଲ ନଦୀ ରାସ୍ତା।

**ମାଟି ଉନ୍ନତୀକରଣରେ ବ୍ୟୟ ହୋଇଛି ୬ଲକ୍ଷ ଟଙ୍କା**

ଉକ୍ତ ରାସ୍ତାର କେବଳ ମାଟି କାମ କରାଯାଇଛି । ମୁରୁମ, ମେଟାଲିଂ ହୋଇ ନ ଥିବାରୁ ବାଲି ଉଠାଣ ପାଇଁ ଟ୍ରାକ୍ଟର ଓ ହାଇୱା ଯିବା ଆସିବାରେ ରାସ୍ତା ଖରାପ ହୋଇ ଯାଇଛି । ଏଠାରେ ଲାଗିଥିବା ସୂଚନା ଫଳକରେ ବ୍ୟୟ ଅଟକଳ ୬ ଲକ୍ଷ୍ୟ ଉଲ୍ଲେଖ ଥିବାବେଳେ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ଦର୍ଶାଯାଇନାହିଁ। ଘଟଣାର ତଦନ୍ତ କରିବାଲୁ ଦାବି ହେଉଛି।

# ବ୍ଲକସ୍ତରୀୟ ଜ୍ଞାନବନ୍ଧୁ ପ୍ରଶିକ୍ଷଣ ଶିବିର

**ଅମରପାଲି,୧୪।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଦୁର୍ଜନତୈଳା ପଞ୍ଚାୟତର କୁଞ୍ଜାପାଲିସ୍ଥିତ ଆଶ୍ରମ ସ୍କୁଲରେ ଶୁକ୍ରବାର ବିକଳ୍ପ ଶିକ୍ଷା ଏବଂ ପରାମର୍ଶ ସହାୟତା କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଜ୍ଞାନବନ୍ଧୁ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ ଲିଳାବତୀ ପଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ବୀରମହାରାଜପୁର ଏଡିଡବ୍ଲୁଓ ଶରତ ଚନ୍ଦ୍ର ସାହୁ, ଉଲୁଣ୍ଡା ଡବ୍ଲୁଇଓ ରଞ୍ଜନ ମହାନନ୍ଦ ନୋଡାଲ ଅଧିକାରୀ ଭାବେ ଯୋଗ ଦେଇଥିଲେ। ଗିରିଧାରୀ ନାଏକ ଓ ପୁରୁଷୋତ୍ତମ ମେଣ୍ଡିଲି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଓଡିଶା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ମାଧମରେ ଅନୁସୂଚିତ ଜାତି ଓ ଜନଜାତି ବହୁଳ ଅଞ୍ଚଳରେ ଶିକ୍ଷାର ପ୍ରସାର ପାଇଁ ଏହା କରାଯିବାକୁ ଥିବା ନୋଡାଲ ଅଧିକାରୀମାନେ କହିଥିଲେ। ପ୍ରାଥମିକ ପର୍ଯ୍ୟାୟରେ ଆଦିବାସୀ ବହୁଳ କୁଞ୍ଜାପାଲି, ବହଳପଦର, ଦୁର୍ଜନତୈଳା, ସାଗଜୋରୀ, ମସିଣାପାଲି, ଗୋଘାଟ, ହୋତାପାଲି ଗ୍ରାମରେ ଏହା କାର୍ଯ୍ୟକ୍ଷମ କରାଯିବାର ନିଷ୍ପତ୍ତି ନିଆଯାଇଛି। ପ୍ରତି ଗ୍ରାମରୁ ଜଣେ ଜଣେ ଲେଖାଏ ସ୍ୱେଚ୍ଛାସେବୀ ଜ୍ଞାନବନ୍ଧୁ ନିଯୁକ୍ତି ଦିଆଯିବ ଓ ସେମାନେ ଉକ୍ତ ଗ୍ରାମର ହରିଜନ ଆଦିବାସୀ ପିଲାଙ୍କୁ ଶିକ୍ଷା ପ୍ରଦାନ କରିବେ ବୋଲି ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀମାନେ ଯୋଗଦେଇଥିଲେ। ଶେଷରେ ଶିକ୍ଷକ ମାନସ ରଞ୍ଜନ କଲେତ ଧନ୍ୟବାଦ ଅର୍ପଣ କରିଥିଲେ।

# କେଞ୍ଜିରିଆପାଲି ହାଇସ୍କୁଲରେ ଅଶୋକ ସ୍ତମ୍ଭ ସ୍ଥାପନ


ଅତିଥିମାନେ ଅଶୋକ ସ୍ତମ୍ଭ ସ୍ଥାପନ କରୁଛନ୍ତି।

**ଅମରପାଲି,୧୪।୮ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେଞ୍ଜିରିଆପାଲି ହାଇସ୍କୁଲରେ ଶନିବାର ଅଶୋକ ସ୍ତମ୍ଭ ସ୍ଥାପନ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଲାମଣୀ ଭୋଇ ମୁଖ୍ୟଅତିଥି ଏବଂ ବରିଷ୍ଠ ଆଇନଜୀବୀ ପ୍ରଦୀପ ମିଶ୍ର, ସିଆରସିସି ଅକ୍ଷୟ ରାଏ ସମ୍ମାନୀତ ଅତିଥିଭାବେ ଯୋଗଦେଇ ସ୍କୁଲ ପରିସରରେ ଅଶୋକ ସ୍ତମ୍ଭ ସ୍ଥାପନ କରିଥିଲେ। ଶିକ୍ଷକ ଦୀନବନ୍ଧୁ ପଧାନ ସଭା ପରିଚାଳନା କରିଥିବା ବେଳେ ଜୀବର୍ଦ୍ଧନ ରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ ଆଶୀର୍ବାଦ ଯାତ୍ରା ପାଇଁ ପ୍ରସ୍ତୁତି

**ମୁରିବାହାଲ,୧୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲାକୁ ଆସନ୍ତା ୨୨ ତାରିଖ ଭାରତ ସରକାରଙ୍କ ରେଳ ଓ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ବଲାଙ୍ଗୀର ଜିଲାରେ ଭାଜପା ପକ୍ଷରୁ ହେବାକୁ ଥିବା ଜନଆଶୀର୍ବାଦ ଯାତ୍ରାରେ ସେ ସାମିଲ ହେବେ। ଏହି କ୍ରମରେ ମୁରିବାହାଲ ବ୍ଲକରେ ହେବାକୁ ଥିବା ଜନ ଆଶୀର୍ବାଦ ଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଭାଜପା ସାଧାରଣ ସମ୍ପାଦକ ଶ୍ରୀବତ୍ସ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସାଧାରଣ ସମ୍ପାଦକ ଲକ୍ଷ୍ମଣ ବାଗ ଯୋଗଦେଇ ଜନ ଆଶୀର୍ବାଦ ଯାତ୍ରାର ଉଦ୍ଦେଶ୍ୟ ଓ ମୁରିବାହାଲ ବ୍ଲକର ହଳଦୀ ଗ୍ରାମଠାରେ ହେବାକୁ ଥିବା ସମ୍ବର୍ଦ୍ଧନା ସଭା ବିଷୟରେ ସୂଚନା ଦେଇଥିଲେ। ଆଦିବାସୀ ମୋର୍ଚ୍ଚା ଜିଲା ସଭାପତି ଦୈତାରୀ ଭୋଇ, କଣ୍ଟାବାଞ୍ଜି ନଗର ଉପସଭାପତି ସଦାନନ୍ଦ ପଧାନ କାର୍ଯ୍ୟକ୍ରମର ରୂପରେଖ ଓ ଯୋଗଦେବାକୁ ଥିବା ନେତୃବୃନ୍ଦଙ୍କ ବିଷୟରେ କହିଥିଲେ। ମୁରିବାହାଲ ଓ ରହେନଭଟା ରେଲୱେ ଷ୍ଟେଶନର ସାମୂହିକ ବିକାଶକୁ ନେଇ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ବ୍ଲକ ସଭାପତି ସୁରେଶ ଭୋଇ, ମହାଦେବ ଟାହାଣୀ, ସାମାରଣ ସମ୍ପାଦକ ସୁବାଷ ପୋଢ଼, ରାମୁ କୁମ୍ଭାର, ନାରାୟଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଜଙ୍ଗଲ ଜମି ଅଧିକାରକୁ ନେଇ ବୈଠକ

**ଦେଓଗାଁ,୧୪।୮(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅର୍ଜୁନପୁର ପଞ୍ଚାୟତ ଅନ୍ତର୍ଗତ ମଧୁପୁର ଧରୁଆପଡାଠାରେ ଶନିବାର ବ୍ଲକ ଲୋକଉନ୍ନତି ସଂଗଠନ ତରଫରୁ ଜଙ୍ଗଲ ଜମି ଅଧିକାରକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟାଙ୍କ ନେତୃତ୍ୱ ତଥା ସଭାନେତ୍ରୀ ସୁଷମା ପୁଟାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ୨୦୦୬ ଜଙ୍ଗଲ ଜମି ଅଧିକାର ଆଇନ ବିଷୟରେ ଆଲୋଚନା କରାଯାଇଥିଲା। ଉକ୍ତ ଗାଁରେ ଲୋକମାନେ ସ୍ୱାଧୀନତା ପୂର୍ବରୁ ବାସ କରିଆସୁଛନ୍ତି। ହେଲେ ଏଯାଏ ଅନେକ ସରକାରୀ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହି ଗାଁର ପ୍ରାୟ ୧୯ଟି ପରିବାର ଜଙ୍ଗଲ ଜମି ଅଧିକାର କରିଥିବାରୁ ସେମାନଙ୍କ ଆବେଦନ ଫର୍ମ ପୂରଣ କରାଯାଇଥିଲା। ଏହି ଆବେଦନ ଫର୍ମକୁ ଆସନ୍ତା ୧୭ ତାରିଖରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ପ୍ରଦାନ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରଯାଇଥିଲା। ଏଥିସହ ଗାଁରେ ରହିଥିବା ଅନେକ ସମସ୍ୟାର ସମାଧାନ ପାଇଁ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଗାଁର ସମସ୍ତ ଅଦିବାସୀ ପରିବାରର ସଦସ୍ୟାସଦସ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ୱାର୍ଡସଭ୍ୟ ସତ୍ୟବତୀ ପୁଟା ଧନ୍ୟବାଦ ଅର୍ପଣ କରିଥିଲେ।


ଧରୁଆପଡାରେ ଲୋକଉନ୍ନତି ସଂଗଠନ ତରଫରୁ ବୈଠକ ଚାଲିଛି।

# ଥମୁନି ଦାଦନ ଶ୍ରମିକଙ୍କ ଦୁଃଖ

**ନୂଆପଡା ଅଫିସ,୧୪।୮**

ଆଦିବାସୀ ଅଧ୍ୟୁଷିତ ନୂଆପଡା ଏକ ଦାଦନ ପ୍ରବଣ ଜିଲା। ଏହି ଜିଲାରେ ୮୦ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ୬ ମାସ ଚାଷ କାର୍ଯ୍ୟକରି ଉତ୍ପାଦିତ ଫସଲକୁ ସଂଗ୍ରହ କରି ଘରେ ସାଇତି ରଖି ୬ ମାସ ବାହାର ରାଜ୍ୟକୁ ଦାଦନ ଶ୍ରମିକ ଭାବରେ ଯାଇ ସେଠାରେ ପରିଶ୍ରମ କରି ଯାହା ରୋଜଗାର ହୁଏ, ସେଥିରୁ ପରିବାର ପ୍ରତିପୋଷଣ କରି ଫେରିଥାନ୍ତି। ଘରକୁ ଫେରିଲା ପରେ ଘରେ ସାଇତି ଥିବା ଧନକୁ ବ୍ୟବହାର କରିଥାନ୍ତି । ଲଗାତାର ଜିଲାର କୋମନା ବ୍ଲକରେ ମରୁଡି ପରିସ୍ଥିତି ଦେଖା ଦେଇଥିବାରୁ କୃଷିଜାତ ଦ୍ରବ୍ୟ ଉର୍ପାଜିତ ହୋଇପାରୁ ନାହିଁ। ଫଳରେ ବାଧ୍ୟହୋଇ ଲୋକେ ଦାଦନ ଶ୍ରମିକ ଭାବରେ ବାହାର ରାଜ୍ୟକୁ ଯିବା ପାଇଁ ବାଧ୍ୟ ହେଉଛନ୍ତି। ସେଠାରେ ଗଲା ପରେ ସେମାନଙ୍କ ଜୀବନ ସୁରକ୍ଷିତ ନୁହେଁ । ସେଠାରେ ସର୍ଦ୍ଦାର କିମ୍ବା ମାଲିକ ଦ୍ୱାରା ନିର୍ଯାତନାର ଶିକାର ହେଉଥିବା ବେଳେ ମୃତ୍ୟୁମୁଖରେ ପଡୁଥିବା ଅଭିଯୋଗ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଶତାଧିକ ଦାଦନ ଶ୍ରମିକ ନିଖୋଜ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୬ଜଣଙ୍କ ଖବର ବେସରକାରୀ ଭାବରେ ରହିଛି। ଜିଲା ପ୍ରଶାସନ କିମ୍ବା ଶ୍ରମ ବିଭାଗ ପାଖରେ ଖବର ନାହିଁ । ବାହାର ରାଜ୍ୟକୁ ଯାଇ କେତେ ଯେ, ଦାଦନ ଶ୍ରମିକ ପୋକ ମାଛି ପରି ମରୁଛନ୍ତି। ତାହାର ଆକଳନ କରିହେବ ନାହିଁ। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି । ନୂଆପଡା ଜିଲା କୋମନା ଥାନା ନୂଆଗାଁ ପଞ୍ଚାୟତ୍ କାଳିମାଟି ଗାଁର ବିଷ୍ଣୁ ଚରଣ ହାତି (୫୧)। ଗତ ଏପ୍ରିଲରେ ଆନ୍ଧ୍ର ପ୍ରଦେଶର ନିରେଲଗୁଡା ଅଞ୍ଚଳର ଏକ କେମିକାଲ ଟାବଲେଟ କମ୍ପାନୀରେ ଏକ ମାସରୁ ଉର୍ଦ୍ଧ ହେବ କାମ କରି ଆସୁଥିଲେ। କାଳିମାଟି ଗାଁର ଆଉ ଜଣେ ଶ୍ରମିକ ଧବଳେଶ୍ୱର ହାତିଙ୍କ ସହ ଦୁଇ ଜଣ ମିଶି କାମ କରିବାକୁ ଯାଇଥିଲେ। ସେଠାରେ ବିଷ୍ଣୁଙ୍କ ଗୋଡରେ କେମିକାଲ ପଡିଯିବାରୁ ଗୁରୁତର ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିଲା। ମର ଶରୀରକୁ ଗାଁ ଅଣାଯାଉଥିବା ଜଣା ପଡିଛି। ଶୁକ୍ରବାର ହାଇଦ୍ରାବାଦ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ଏକ ଆମ୍ବୁଲାନ୍ସରେ କାଳିମାଟି ଗାଁକୁ ପଠାଇଛନ୍ତି। ଶନିବାର ରାତିରେ ଗାଁକୁ ପହଞ୍ଚିବ ବୋଲି ପରିବାର ସୂତ୍ରରୁ ପ୍ରକାଶ। ସେ ଗତ ଡିସେମ୍ବର ମାସରେ ହାଇଦ୍ରାବାଦର କରିମନଗରକୁ ଇଟା ତିଆରି କରିବାକୁ ଯାଇ ମାର୍ଚ୍ଚ ମାସରେ ଫେରି ଏପ୍ରିଲରେ ପୁଣି ଯାଇଥିଲେ। ଘରର ମୁରବି ମୃତ୍ୟୁବରଣ କରିଥିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସେ ଅତି ଗରିବ ଓ ନିଃସହାୟ ପରିବାର ହୋଇଥିବାରୁ ତାହାଙ୍କୁ ସରକାରୀ ସହଯୋଗ ଯୋଗାଇ ଦେବା ପାଇଁ ଗରିବସେନା ଆବାହକ ରବି ମଙ୍ଗରାଜ,ଏକାମ ଦାସ, ମହେନ୍ଦ୍ର ପଟେଲ ପ୍ରମୁଖ ଦାବି କରିଛନ୍ତି।


ମୃତଦେହ ଅପେକ୍ଷାରେ ଗ୍ରାମବାସୀ ଓ ଗରିବସେନା।

**ହାଇଦ୍ରାବାଦରୁ ଦାଦନ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରୁଛି**

**ଗଣଦୌଡ, ତାରାରୋପଣ କାର୍ଯ୍ୟକ୍ରମ**

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଦେଶର ଯୁବପିଢ଼ୀଙ୍କ ମଧ୍ୟରେ ଜାତୀୟତା ଭାବନା ସୃଷ୍ଟି କରିବା ପାଇଁ ଫିଟ ଇଣ୍ଡିଆ ଫ୍ରିଡମ ରନ କାର୍ଯ୍ୟକ୍ରମ ଶନିବାର ଶୁଭାରମ୍ଭ ହୋଇଛି। ଏହା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲୁ ରହିବ। ଲୋଇସିଂହା ବ୍ଲକ ସରଗାଡ ଜଗନ୍ନାଥ ଯୁବ ପରିଷଦ ଆନୁକୂଲ୍ୟରେ ଗ୍ରାମ ହାଇସ୍କୁଲ ଖେଳପଡିଆରେ ଗଣଦୌଡ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଜକିଶୋର ସେଠଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୁସ୍ଥ ଓ ନିରୋଗ ରହିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶ୍ରୀରାମ କ୍ଲବ ଓ ଯୁବ କଲ୍ୟାଣ ସଂଘ ଉପରବାହାଲର ସଦସ୍ୟମାନେ ସାମିଲ ହୋଇଥିଲେ।

# ମନ୍ତ୍ରୀଙ୍କୁ ଭେଟିଲେ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**

**■ ଜମି, ଶିକ୍ଷକ ସମସ୍ୟା ସମ୍ପର୍କରେ କଲେ ଆଲୋଚନା**

**ବଲାଙ୍ଗୀର ଅଫିସ,୧୪।୮**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏ ପର୍ଯ୍ୟନ୍ତ ୟୁଜିସି ଅଧିନିୟମ ୧୯୫୬ ଧାରା ୧୨ (ବି) ସ୍ୱୀକୃତି ପାଇନାହିଁ। ୟୁଜିସି ସ୍ୱୀକୃତି ପାଇବାକୁ ହେଲେ ଆବଶ୍ୟକ ଶିକ୍ଷକ, ଜମି ଓ ଭିତ୍ତିଭୂମି ଯୋଗାଇବାକୁ ପଡିବ। ଏହି ସବୁ ସମସ୍ୟା ସମାଧାନ ଦିଗରେ ବିଶ୍ୱବିଦ୍ୟାଳୟର ଏକ ପୁରାତନ ଛାତ୍ର ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସଠାରେ ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ବିଭାଗ ମନ୍ତ୍ରୀ ସୁଶାନ୍ତ ସିଂଙ୍କୁ ଭେଟି ଆଲୋଚନା କରିଥିଲେ। ପୁରାତନ ଛାତ୍ର ଅସୀମ ପଟ୍ଟନାୟକଙ୍କ ନେତୃତ୍ୱରେ ଆଡଭୋକେଟ୍ ଭବାନୀ ଶଙ୍କର ଶତପଥୀ, ବିଶ୍ୱମୋହନ ଜେନା ଓ ସୁନୀଲ ମହାନ୍ତି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। କିଭଳି ଶୀଘ୍ର ଏହି ବିଶ୍ୱବିଦ୍ୟାଳୟକୁ ୟୁଜିସି ଅଧିନିୟମ ୧୯୫୬ର ଧାରା ୧୨(ବି) ମାନ୍ୟତା ମିଳିବ ସେଦିଗରେ ରାଜ୍ୟ ସରକାରଙ୍କୁ ଅବଗତ କରିବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଆଲୋଚନା ସମୟରେ ମନ୍ତ୍ରୀ ସିଂ କହିଥିଲେ ଯେ, ମନ୍ତ୍ରୀ ଭାବେ ନୁହେଁ, ଏହି ଶିକ୍ଷାନୁଷ୍ଠାନର ଜଣେ ପୁରାତନ ଛାତ୍ର ଭାବେ ସେ ନିଜେ ଏହି ଦାୟିତ୍ୱ ନେଇଛନ୍ତି।


ମନ୍ତ୍ରୀ ସୁଶାନ୍ତ ସିଂଙ୍କ ସହ ପୁରାତନ ଛାତ୍ର ପ୍ରତିନିଧି ଦଳ ଆଲୋଚନା କରୁଛନ୍ତି।

ରାଜେନ୍ଦ୍ର ବିଶ୍ୱବିଶ୍ୱବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିଛନ୍ତି। ପୂର୍ବରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ୨ (ଏଫ୍) ସ୍ୱୀକୃତି ମିଳୁ ନ ଥିଲା। ଏ ସଂକ୍ରାନ୍ତରେ ରାଜ୍ୟ ସରକାର ୟୁଜିସିକୁ ରିମାଇଣ୍ଡର ଦେଇଥିଲେ। ଏହାପରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟକୁ ୟୁଜିସି ସ୍ୱୀକୃତି ପ୍ରଦାନ କରିଥିଲା। ରାଜେନ୍ଦ୍ର କଲେଜକୁ ଅପ୍‌ଗ୍ରେଡ କରାଯାଇ ବିଶ୍ୱବିଦ୍ୟାଳୟ କରାଯାଇଛି। ଏଠାରେ ଯାହାବି ଆନୁସଙ୍ଗିକ ଅସୁବିଧା ରହିଛି ତାକୁ ଖୁବ୍‌ଶୀଘ୍ର ଦୂର କରାଯିବ। ଏହି ଶିକ୍ଷାନୁଷ୍ଠାନକୁ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟ କରିବା ପାଇଁ ରାଜ୍ୟ ସରକାର ତତ୍ପର ଅଛନ୍ତି। ଯେଉଁ ଜମି ସମସ୍ୟା ରହିଛି ଏହାର ସମାଧାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଫିସରୁ ବଲାଙ୍ଗୀର ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତିଶୀଘ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟାର ସମାଧାନ କରାଯିବ ବୋଲି ମନ୍ତ୍ରୀ ସିଂ କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରିସର ବାହାରେ ଅଧିକ ଜମି ଯୋଗାଇବା ଦିଗରେ ମଧ୍ୟ ଆଲୋଚନା ହୋଇସାରିଛି। ବିଭାଗୀୟ ମନ୍ତ୍ରୀଙ୍କ ସହ ମଧ୍ୟ ଏ ନେଇ ଆଲୋଚନା ହୋଇଛି। ଏହି ଶିକ୍ଷାନୁଷ୍ଠାନକୁ ଆବଶ୍ୟକ ଅଧିକ ଜମି ଯୋଗାଇବା ଦିଗରେ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ସେ କହିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ମନ୍ତ୍ରୀ ସିଂ ଉପରୋକ୍ତ ବିଷୟରେ ସୂଚନା ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ୭୭ ବର୍ଷ ପୁରୁଣା ଶିକ୍ଷାନୁଷ୍ଠାନ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ଜମିପଟ୍ଟା ବିଶ୍ୱବିଦ୍ୟାଳୟ ପାଖରେ ନାହିଁ। ଏବେ ଏହି ବିଶ୍ୱବିଦ୍ୟାଳୟ ଦଖଲରେ ପ୍ରାୟ ୪୯ ଏକର ଜମି ରହିଛି। ତେବେ ବିଶ୍ୱବିଦ୍ୟାଳୟ ପାଇଁ ଅତିକମ୍‌ରେ ଅତିରିକ୍ତ ୧୦୦ ଏକର ଜମି ଆବଶ୍ୟକ ବୋଲି କୁହାଯାଇଛି।

# ତରଭାରେ ହେବ ଇନ୍‌ଡୋର ଷ୍ଟାଡିୟମ



ସଭାରେ ମଞ୍ଚାସୀନ ଅତିଥିମାନେ।

**ତରଭା,୧୪।୮(ଡି.ଏନ.ଏ.)**

କ୍ରୀଡାର ଉନ୍ନତି ଓ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ତରଭା କଲେଜ ନିକଟରେ ୬କୋଟି ୫୫ଲକ୍ଷ ଟଙ୍କା ବ୍ୟୟରେ ଏକ ଇନଡୋର ଷ୍ଟାଡିୟମ ନିର୍ମାଣ ହେବ। ଏଥିପାଇଁ ତରଭା ଅଞ୍ଚଳର କ୍ରୀଡାବିତ, ବୁଦ୍ଧିଜୀବୀ, ସଚେତନ ନାଗରିକମାନଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ପାଇଁ ସ୍ଥାନୀୟ ନାରାୟଣ ମୁରଲୀ କଲ୍ୟାଣ ମଣ୍ଡପଠାରେ ଶନିବାର ଏକ ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ତରଭାର ଯୁବ କ୍ରୀଡାବିତ୍ ବିଘ୍ନରାଜ ନାଏକ, ତନୁଶ୍ରୀ ମେହେର, ଲିଜାରାଣୀ ସାହୁ ଓ ମିନାକ୍ଷୀ ତ୍ରିପାଠୀ ମଞ୍ଚାସୀନ ଥିଲେ। ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଇନ୍‌ଡୋର ଷ୍ଟାଡିୟମ ଆଗାମୀ ୧୮ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ସରିବ। ଷ୍ଟାଡିୟମରେ ବ୍ୟାଡମିଣ୍ଟନ, ଟେବୁଲ ଟେନିସ, ଜିମ୍ନାସିୟମ, ଯୋଗ, ଚେସ୍, ଭଲିବଲ ଆୟୋଜନ ଓ ପ୍ରଶିକ୍ଷଣ ଦେବା ସହିତ ପ୍ରାକୃତିକ ବିପର୍ଯ୍ୟୟସ୍ଥଳରେ ଆଶ୍ରୟ ସ୍ଥଳୀ, ମହାମାରୀ ସମୟରେ ହସ୍ପିଟାଲଭାବେ ଉପଯୋଗୀ ସାବ୍ୟସ୍ଥ ହୋଇପାରିବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ବିଜେଡି ସଭାପତି ସରୋଜ କୁମାର କର୍ମ, ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ଟାଉନ ନଗର ବିଜେଡି ସଭାପତି ଗଗନ ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ। ସ୍ଥାନୀୟ ଦୁର୍ଗାମଣ୍ଡପ ଛକରୁ କ୍ରୀଡାବିତ୍‌ମାନଙ୍କୁ ନେଇ ଏକ ରାଲି ମୁଖ୍ୟ ରାସ୍ତାଦେଇ ସଭାସ୍ଥଳରେ ପହଞ୍ଚିଥିଲା। ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା ଓ କ୍ରୀଡାବିତ୍ ଲିଜାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସଚେତନ ନାଗରିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।






# ରୋଗୀ କଲ୍ୟାଣ ସମିତି ବୈଠକ

**ବଲାଙ୍ଗୀର ଅଫିସ,୧୪।୮**

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତିର ଏକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯୋଗଦେଇ ବିଧାୟକ ନରସିଂହ ମିଶ୍ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବୈଠକରେ ବିଗତ ବର୍ଷର ଆର୍ଥିକ ନେଣଦେଣ ଉପରେ ଆଲୋଚନା ହୋଇଥିଲା। ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ ଉପରେ ଆଲୋଚନା ହୋଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅନୁପସ୍ଥିତି, ଇନ୍‌ଡୋର, ଆଉଟଡୋର ବିଭାଗ ଠିକ୍ ହିସାବରେ ନ ଚାଲିବାକୁ ନେଇ ସଭ୍ୟମାନେ ଅଭିଯୋଗ କରିଥିଲେ। ଏ ସମସ୍ତ ପ୍ରକାର ଅଭିଯୋଗର ଏକ ବିଧିବଦ୍ଧ ତଦନ୍ତ କରିବା ପାଇଁ ଉପସ୍ଥିତ ଥିବା ବଲାଙ୍ଗୀର ସଦର ବ୍ଲକର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ବିଧାୟକ ମିଶ୍ର କହିଥିଲେ। ଆଗାମୀ ବର୍ଷ ବଜେଟରେ ଯାହା କିଛି ରଖାଯାଇଛି ତାର ବୈଧତା ପାଇଁ ଏକ ତିନିଜଣିଆ କମିଟି ଯାଞ୍ଚ କରି ସେ ବଜେଟକୁ ଚୂଡାନ୍ତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ରୋଗର ନିରୂପଣ ପାଇଁ ଆବଶ୍ୟକ ରକ୍ତ ପରୀକ୍ଷାକୁ ଆହୁରି ବ୍ୟାପକ କରିବା ପାଇଁ ଏକ ସେମି ଅଟୋ ଅନାଲାଇଜର ଯନ୍ତ୍ରର ଆବଶ୍ୟକତା ଅଛି ବୋଲି ମେଡିକାଲ ଅଫିସର ବିଧାୟକଙ୍କୁ ଜଣାଇଥିଲେ। ଏ ଦିଗରେ ସିଡିଏମ୍‌ଓଙ୍କ ସହ ଆଲୋଚନା କରିବେ ଏବଂ ଆବଶ୍ୟକ ପଡିଲେ ନିଜ ବିଧାୟକ ପାଣ୍ଠିରୁ ଏହି ମେଶିନ ପ୍ରଦାନ କରିବେ ବୋଲି ସୂଚନା ଦେଇଥିଲେ। ବୈଠକରେ ବିଡିଓ ରାମଦତ୍ତ ଭୋଇ, ମେଡିକାଲ ଅଫିସର ଡା. ନିହାର ରଞ୍ଜନ ନାୟକ, ସରପଞ୍ଚ ଘାସିରାମ ବେହେରା, ବିଧାୟକଙ୍କ ପ୍ରତିନିଧି ଲୋକନାଥ କୁମ୍ଭାର, ରାଧାକାନ୍ତ ଭୋଇ, ସ୍ୱେଚ୍ଛାସେବୀ ସୁବାସ ନନ୍ଦଙ୍କ ସମେତ ସମସ୍ତ ମେଡିକାଲ କର୍ମଚାରୀ ଉପସ୍ଥିତ ଥିଲେ।












# ଅନୁସୂଚିତ ଜାତି, ଜନଜାତି ବିଦ୍ୟାଳୟର ବୈଠକ

**ବଲାଙ୍ଗୀର ଅଫିସ,୧୪।୮**

ବଲାଙ୍ଗୀର ସଦର ବ୍ଲକ ଚୁଡାପାଲିଠାରେ ଅନୁସୂଚିତ ଜାତି ଓ ଜନଜାତି ମାଧ୍ୟମିକ ବିଦ୍ୟାଳୟର ଏକ ବୈଠକ ଶିକ୍ଷକ, କର୍ମଚାରୀ ତଥା ସ୍ଥାନୀୟ ବୁଦ୍ଧିଜୀବୀଙ୍କୁ ନେଇ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଧାୟକ ନରସିଂହ ମିଶ୍ର ଯୋଗଦେଇଥିଲେ। ବିଦ୍ୟାଳୟରେ ଯୁକ୍ତଦୁଇ ବିଜ୍ଞାନ ବିଭାଗରେ ଆବଶ୍ୟକତା ଅନୁଯାୟୀ ସମସ୍ତ ଶିକ୍ଷକ ପଦବୀ ପୂରଣ ହୋଇଥିଲେ ହେଁ ଲାବ୍ରୋଟରୀ ଟେକ୍‌ସିଆନ୍ ନଥିବାରୁ ବିଜ୍ଞାନ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ଅଷ୍ଟମ, ନବମ ଓ ଦଶମରେ ଶିକ୍ଷକ ତୁଳନାରେ ଛାତ୍ରୀଛାତ୍ର ସଂଖ୍ୟା ବେଶୀ ରହିଛି। ଏ ଦିଗରେ ବିଭାଗ ତୁରନ୍ତ ଧ୍ୟାନ ଦେବା ଉଚିତ ବୋଲି ଶିକ୍ଷକ, କର୍ମଚାରୀମାନେ ବିଧାୟକ ମିଶ୍ରଙ୍କ ଧ୍ୟାନ ଆକର୍ଷଣ କରିଥିଲେ। ସ୍କୁଲର ଯାହା ଅସୁବିଧା ଅଛି ତାର ଏକ ତାଲିକା ପ୍ରସ୍ତୁତ କରି ତାଙ୍କୁ ଦେବା ପାଇଁ ବିଧାୟକ ମିଶ୍ର ସ୍କୁଲ କର୍ତ୍ତୃପକ୍ଷଙ୍କୁ କହିଥିଲେ। ଆଦିବାସୀ ଜନଜାତି ଛାତ୍ରୀଛାତ୍ରଙ୍କ ଶିକ୍ଷାରେ ଯେମିତି କୌଣସି ବାଧା ସୃଷ୍ଟି ହେବ ନାହିଁ ସେ ଦିଗରେ ଧ୍ୟାନ ଦେବାକୁ ଶିକ୍ଷକ କର୍ମଚାରୀମାନଙ୍କୁ ସେ ଅନୁରୋଧ କରିଥିଲେ। ବୈଠକରେ ଜିଲା ମଙ୍ଗଳ ଅଧିକାରୀ, ସ୍କୁଲ ଅଧକ୍ଷ କୁଶଲେଶ୍ୱର ମିଶ୍ରଙ୍କ ସମେତ ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।


ବୈଠକରେ ବିଧାୟକ ନରସିଂହ ମିଶ୍ର ଓ ଅନ୍ୟମାନେ।












# ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ୧୨ବର୍ଷର ଝିଅ


ମା' ବାପାଙ୍କ ସହ ଝିଅ।

**ବାଉଁଶୁଣୀ,୧୪।୮(ଡି.ଏନ.ଏ.):** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଲମ୍ବସରୀ ଗ୍ରାମ ପଞ୍ଚାୟତ ଅଧୀନ ପିଣ୍ଡାପଦର ଗ୍ରାମର ଜଣେ ୧୨ ବର୍ଷୀୟା ବାଳିକା ଅର୍ଥାଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନ ପାରି ମୃତ୍ୟୁ ସହ ସଂଗ୍ରାମ ଚଳାଇଛି। ପ୍ରକାଶ ଯେ, ପିଣ୍ଡାପଦର ଗ୍ରାମର ଶଙ୍କର ପ୍ରଧାନ ଓ ବିଶାଖାଙ୍କ ଝିଅ ବହୁ ଦିନ ହେଲା ରକ୍ତ ଶିକୁଳି ରୋଗରେ ଆକ୍ରାନ୍ତ ଅଛନ୍ତି। ଫଳରେ ନିୟମିତ ବ୍ୟବଧାନରେ ତାଙ୍କୁ ରକ୍ତ ଦେବାକୁ ପଡୁଛି। ଏଥିପାଇଁ ମା' ବାପାଙ୍କୁ ଅନ୍ୟ ଲୋକଙ୍କୁ ରକ୍ତଦାନ କରିବାକୁ ନେହୁରା ହେବାକୁ ପଡୁଛି। ଗରିବ ପରିବାର ହୋଇଥିବା ହେତୁ ଝିଅକୁ ଠିକ୍ ସମୟରେ ଆବଶ୍ୟକ ଚିକିତ୍ସା ଯୋଗାଇ ଦେବା କଷ୍ଟକର ହୋଇଛି। ନିଜ ସୀମିତ ସମ୍ବଳ ଭିତରେ ସୋନପୁର ଡାକ୍ତରଖାନା ପର୍ଯ୍ୟନ୍ତ ଆଣି ଚିକିତ୍ସା କରୁଥିବା ଓ ରକ୍ତ ଦେଉଥିବା ଜଣାପଡିଛି। ଡାକ୍ତର ଲେଖୁଥିବା ଔଷଧ କିଣିବା ପାଇଁ ଅର୍ଥ ସାଜିଛି ବାଧକ। ଆଗକୁ କେମିତି ଝିଅର ଚିକିତ୍ସା କରିବେ ସେଥିପାଇଁ ମା' ବାପା ଚିନ୍ତାରେ ଅଛନ୍ତି। ସରକାର ଗରିବ ଲୋକଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିଥିବା ବେଳେ ଶଙ୍କରଙ୍କୁ ଆଜିଯାଏ ଝିଅର ଚିକିତ୍ସା ପାଇଁ କୌଣସି ସହାୟତା ମିଳିନାହିଁ। ଫଳରେ ଭାଗ୍ୟ ଓ ଭଗବାନଙ୍କୁ ଆଶ୍ରା କରି ଦିନ କାଟିବାକୁ ପଡୁଛି। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସରକାରୀ ସହାୟତା ଯୋଗାଇ ଦେବାକୁ ଶଙ୍କରଙ୍କ ପରିବାର ସହ ଗ୍ରାମବାସୀ ନିବେଦନ କରିଛନ୍ତି।





